



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୬ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 AUGUST 2020
Vol.No. 30 ■ No. 198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman

# ରାମ ମନ୍ଦିରର ଭୂମି ପୂଜନ କଲେ ପ୍ରଧାନମନ୍ତ୍ରୀ

- ୪୦ କିଲୋର ରୂପା ଇଟାରେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ
- ଏହି ମନ୍ଦିର ଆମ ଭକ୍ତି, ଜାତୀୟ ଆବେଗର ସଙ୍କେତ ହେବ : ମୋଦି





ନୂଆଦିଲ୍ଲୀ ,୫।୮ (ନି.ପ୍ର): ଅଯୋଧ୍ୟାରେ ବହୁ ପ୍ରତୀକ୍ଷିତ ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବେଦ ମନ୍ତ୍ର ଗାନ ମଧ୍ୟରେ ପ୍ରଧାନମନ୍ତ୍ରୀ ବୁଧବାର ଦିନ ୧୨:୫୫:୦୮ରେ ପଡ଼ିଥିବା ମାହେନ୍ଦ୍ର ବେଳାରେ ୪୦ କିଲୋଗ୍ରାମ ଓଜନର ରୂପା ଇଟାରେ ମନ୍ଦିର ନିର୍ମାଣ ଲାଗି ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଭୂମି ପୂଜନ ଉତ୍ସବରେ ପ୍ରସ୍ତାବିତ ଗର୍ଭଗୃହ ସ୍ଥାନରେ ଅନ୍ୟମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସହ ବସିଥିଲେ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ଓ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ । କେବଳ ପ୍ରଭୁ ରାମଙ୍କ ନଗରୀରେ ନୁହେଁ ସମଗ୍ର ବିଶ୍ୱରେ 'ଜୟ ଶ୍ରୀରାମ' ଧ୍ୱନି ଗୁଞ୍ଜରିତ ହେଉଛି । ଦୀର୍ଘ ବର୍ଷ ଧରି ଶିବିରରେ ବାସ କରୁଥିବା ଆମ ରାମ ଲାଲାଙ୍କ ପାଇଁ ବିଶାଳ ମନ୍ଦିରଟିଏ ତୋଳାଯିବ । ଆଜି ରାମ ଜନ୍ମଭୂମି ଭଗ୍ନ ଚକ୍ରରୁ ମୁକ୍ତ ହୋଇ ପୁଣି ନିର୍ମାଣ ହେବାକୁ ଯାଉଛି । ଅଯୋଧାରେ ଭାରତ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରୁଛି । ଯୁଗ ଯୁଗ ପ୍ରତୀକ୍ଷାର ଅବସାନ ଘଟିଛି । ଏହି ମନ୍ଦିର ଆମ ଭକ୍ତି, ଜାତୀୟ ଆବେଗର ସଙ୍କେତ ହେବ । ଏହି ମନ୍ଦିର ଆମ କୋଟି କୋଟି ଜନତାଙ୍କ ସାମୁହିକ ପ୍ରତିବଦ୍ଧତାର ସଙ୍କେତ ହେବ । ଏହା ଆମ ଆଗାମୀ ବଂଶଜମାନଙ୍କୁ ଉତ୍ସାହ ଦେବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରର ଆୟୋଜିତ ସଭାରେ ପ୍ରକାଶ କରିଥିଲେ । ବୁଧବାର ମଧାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାମ ଜନ୍ମଭୂମି ମନ୍ଦିର ନିର୍ମାଣ ସ୍ଥଳୀରେ ପହଂଚିବା ପରେ ରାମ ଲାଲାଙ୍କୁ ଦର୍ଶନପୂର୍ବକ ଆଳତି କରି ଫୁଲମାଳ ପିନ୍ଧାଇଥିଲେ । ମନ୍ଦିର ନିର୍ମାଣ ପରିଧି ମଧ୍ୟରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ 'ଗଙ୍ଗଶିଉଳି' ଚାରାଟିଏ ରୋପଣ କରିଥିଲେ । ଏହାଛଡ଼ା ଶିଳାନ୍ୟାସ ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀ 'ଶ୍ରୀରାମ ଜନ୍ମଭୂମି ମନ୍ଦିର' ଉପରେ ସ୍ମାରକୀ ଡାକ ଟିକଟ ଉନ୍ମୋଚନ କରିଥିଲେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଅଯୋଧା ସ୍ଥିତ ହନୁମାନଗଡ଼ି ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ସେଠାରେ ପ୍ରଧାମନ୍ତ୍ରୀଙ୍କୁ ମୁକୁଟ ଉପହାର ପ୍ରଦାନ କରାଯାଇଥିଲା । ଉଲ୍ଲେଖ୍ୟଯୋଗ୍ୟଯେ ଭୂମି ପୂଜନ ପାଇଁ ଏଠାରେ ମୋଟ ୯ଟି ଇଟା ରଖାଯାଇଥିଲା, ଏହି ଇଟା ଗୁଡିକ ୧୯୮୯ରେ ଭଗବାନ ରାମଙ୍କ ଭକ୍ତମାନେ ସମଗ୍ର ଦେଶ ତଥା ବିଶ୍ୱରୁ ପଠାଇଥିଲେ । ରାମ ଭକ୍ତମାନେ ପୃଥିବୀର ବିଭିନ୍ନ ସ୍ଥାନରୁ ମୋଟ ୨ଲକ୍ଷ ୭୫ହଜାର ଇଟା ପଠାଇଛନ୍ତି । ସେଥିମଧ୍ୟରୁ ୧୦୦ଟି ଇଟାରେ ଜୟ ଶ୍ରୀ ରାମ ଲେଖାଯାଇଛି ।

## ସ୍କୁଲ୍ ଫି ଛାଡ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର ,୫।୮ (ନି.ପ୍ର): କରୋନା ପାଇଁ ସ୍କୁଲ କଲେଜ ବନ୍ଦ ରହିଛି । ଘଡ଼ିସନ୍ଧି ସମୟରେ ଅଭିଭାବକମାନଙ୍କୁ ବେସରକାରୀ ସ୍କୁଲଗୁଡ଼ିକ ଲୁଟ କରି ଚାଲିଛନ୍ତି । ଏଭଳି ସ୍କଲ ଗୁଡିକୁ ଫିସ୍ ଛାଡ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ ଦାବି କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌଧୁରୀ କହିଛନ୍ତିଯେ,କରୋନା ପାଇଁ କେତେକ ଅଭିଭାବକଙ୍କର ଚାକିରୀ ପଳେଇଲାଣି, ବ୍ୟବସାୟିକ କାରବାର ବି ଠପ୍ ହୋଇଯାଇଛି । ଏଭଳି ସ୍ଥିତିରେ କିନ୍ତୁ ବେସରକାରୀ ସ୍କୁଲଗୁଡ଼ିକ କେବଳ ଟ୍ୟୁସନ ଫି ନୁହେଁ, ବରଂ ଡେ ବୋର୍ଡିଂ ଚାର୍ଜଠାରୁ ନେଇ ଫୁଡ଼ିଂ ପର୍ଯ୍ୟନ୍ତ ଟଙ୍କା ବି ନେଉଛନ୍ତି । ଏଭଳି ପଇସା ଖିଆ ଘରୋଇ ସ୍କୁଲ ବିରୋଧରେ ନବୀନ ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ବେସରକାରୀ ସ୍କୁଲଗୁଡ଼ିକରେ ଫି ନିର୍ଦ୍ଧାରଣ କମିଟି ଦେଇଥିବା ସୁପାରିଶକୁ ଲାଗୁ କରାଯାଉ । ବେଆଇନ ଭାବେ ବିଭିନ୍ନ ଫିସ ଲାଗୁ କରୁଥିବା ଘରୋଇ ବିଦ୍ୟାଳୟଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନୋ ସ୍କୁଲ ନୋ ଫି ନ୍ୟାୟରେ ସେମାନେ ଅଭିଭାବକମାନଙ୍କୁ ଶୋଷଣ କରିବାରୁ ନିବୃତ ରୁହନ୍ତୁ । ଘରୋଇ ସ୍କୁଲଗୁଡ଼ିକରେ ୨୫% ଗରିବ ଓ ଅବହେଳିତ ବର୍ଗର ପିଲାମାନେ ଯେଭଳି ପାଠ ପଢ଼ିବେ ତାହା ସୁନିର୍ଶ୍ଚିତ କରାଯାଉ । ବିନା ଏନଓସିରେ ଚାଲିଥିବା ସ୍କୁଲଗୁଡ଼ିକ ଉପରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଶ୍ରୀ ସତ୍ୟପ୍ରକାଶ ନାୟକ, ରଶ୍ମି ମହାପାତ୍ର, ରାଜୀବ ପଟ୍ଟନାୟକ, ଅଶୋକ ଦାସ, ବିଶ୍ୱଜିତ୍ ଦାସ, ନାସିର ନୱାଜ, ଆଶିଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଉ ୯ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୨୨୫ ହେଲା

ଭୁବନେଶ୍ୱର,୫।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୯ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୨୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ପାଂଚ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଗଜପତି, ସୁନ୍ଦରଗଡ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୪୨ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ କିଡନୀ ରୋଗରେ ପୀଡିତ ଥିଲେ । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲେ ।ଗଂଜାମ ଜିଲ୍ଲାର ଜଣେ ୫୨ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସେହିପରି ଭାବେ ଗଂଜାମ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଜପତି ଜିଲ୍ଲାର ଜଣେ ୨୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ଜଣେ ୫୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ହାଇପର ଟେନସନ ରୋଗରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଅନ୍ୟ ଜଣେ ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ (ଟାଇପ-୧)ରେ ପୀଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୬୦ ବର୍ଷ ବୟସ୍କା କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ବରଣ କରିଛନ୍ତି । ଗଂଜାମ ଜିଲ୍ଲାର ଜଣେ ୬୩ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ କ୍ରୋନିକ କିଡନୀ ରୋଗ, ଓ ଅନିୟନ୍ତ୍ରିତ ମଧୁମେହରେ ପୀଡିତ ଥିଲେ ।

## ଶହୀଦ କୋଭିଡ ଯୋଦ୍ଧାଙ୍କୁ ନୀରବ ପ୍ରାର୍ଥନା ଜରିଆରେ ସାରା ରାଜ୍ୟରେ ଶ୍ରଦ୍ଧାଞ୍ଜଳି

- କରୋନା ଲଢେଇକୁ ମଜବୁତ କରିବାକୁ ଶପଥ ଗ୍ରହଣ
- କୋଭିଡ ଯୋଦ୍ଧାଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦେବୁନାହିଁ: ମୁଖ୍ୟମନ୍ତ୍ରୀ
- ମୁଁ ଜିତିବି, ମୋ ଓଡିଶା ଜିତିବ ଏବଂ ମାନବ ଜାତି ବି ଜିତିବ





ଭୁବନେଶ୍ୱର ,୫।୮ (ନି.ପ୍ର): ଗତ ୫ ମାସ ଧରି ଓଡିଶା କୋଭିଡ ବିରୁଦ୍ଧରେ ଲଢେଇ ଜାରି ରହିଛି । ଏହି ଲଢେଇର ଆଗଧାଡିରେ ରହିଥିବା କୋଭିଡ ଯୋଦ୍ଧା ମାନଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ସେବା ଯୋଗୁଁ ଆଜି ରାଜ୍ୟର କୋଭିଡ ଆରୋଗ୍ୟଙ୍କ ସଂଖ୍ୟା ୨୫ ହଜାରରେ ପହଂଚିଛି । ଏହାକୁ କୋଭିଡ ଯୁଦ୍ଧର ଏକ ମହତ୍ୱପୂର୍ଣ୍ଣ ଘଟଣା ବୋଲି ବର୍ଣ୍ଣନା କରି ଏହାର ସବୁ ଶ୍ରେୟ କୋଭିଡ ଯୋଦ୍ଧା ଓ ଓଡିଶାବାସୀଙ୍କର ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଜୀବନକୁ ବାଜି ଲଗାଇ ସେମାନେ ଯେପରି ସେବା କରିଚାଲିଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚପ୍ରଶଂସା ମଧ୍ୟ କରିଛନ୍ତି । ଏହି ଲଢେଇରେ ୨୫ ଜଣ କୋଭିଡ ଯୋଦ୍ଧା ସେମାନଙ୍କ ଜୀବନ ବଳିଦାନ ଦେଇ ସେବା, ତ୍ୟାଗ ଓ ମାନବିକତାର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ସେହି ଯୋଦ୍ଧା ମାନଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟ ଆଜି ସଂଧ୍ୟା ୬ଟାରେ ଏକ ମିନିଟ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ଏହି ନୀରବ ପ୍ରାର୍ଥନାରେ ସାରା ରାଜ୍ୟର ଜନସାଧାରଣ, ବିଭିନ୍ନ ଅଫିସ, ▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୫।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୦୧ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୧୮୧୨ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୩୮୫, ବାଲେଶ୍ୱର ଜିଲ୍ଲାରେ ୧୧୫୯, ବରଗଡ ଜିଲ୍ଲାରେ ୪୮୭, ଭଦ୍ରକ ଜିଲ୍ଲାରେ ୮୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୫୩୦ . ବୌଦ୍ଧ ଜିଲ୍ଲାରେ ▶▶ପୃଷ୍ଠା ୭

## ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ନନ୍ଦନକାନନ

ଭୁବନେଶ୍ୱର ,୫।୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବର୍ତମାନ ପର୍ଯ୍ୟଟକଙ୍କ ପାଇଁ ଖୋଲିବନି । ବର୍ଷା ଦିନରେ ନନ୍ଦନକାନନ ଖୋଲିବା ସମ୍ଭାବନା ନାହିଁ । କରୋନା ସ୍ଥିତି ଠିକ୍ ରହିଲେ ଅକ୍ଟୋବରରେ ଖୋଲିବା ନେଇ ନିଷ୍ପତି ହେବ ବୋଲି ନନ୍ଦନକାନନ କର୍ତୃପକ୍ଷ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଓଡିଶାରେ କରୋନା ସଂକ୍ରମଣ ହେତୁ ଗତ ମାର୍ଚ୍ଚ ମାସ ୧୪ ତାରିଖରୁ ନନ୍ଦନକାନନ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଛି ।

## ପ୍ରବଳ ବର୍ଷା ସମ୍ଭାବନା : ୧୦ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ



ଭୁବନେଶ୍ୱର,୫।୮ (ନି.ପ୍ର): ଉତର-ପଶ୍ଚିମ ବଙ୍ଗୋପସାଗରର ଉତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳବର୍ତୀ ଅଂଚଳରେ ଏକ ୱେଲ ମାର୍କଡ୍ ଲୋ ପ୍ରେସର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଓଡିଶା ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୯ ତାରିଖ ବେଳକୁ ଉତର ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଫଳରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଲଘୁଚାପ ଫଳରେ ଓଡିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବର୍ଷା ଜାରୀ ରହିଥିବା ବେଳେ ଉତର , ଉତର ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହି ସମୟରେ ଘଂଟା ପ୍ରତି ୪୦ ରୁ ୫୦ କିମି ବେଗରେ ପବନ ବହୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୦ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ପାଣିପାଗ କେନ୍ଦ୍ର ସମ୍ପୃକ୍ତ ଜିଲ୍ଲା ଗୁଡିକୁ ▶▶ପୃଷ୍ଠା ୭

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୮୫୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୫।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୫୨୫୦୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୫୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ସଂଖ୍ୟା ୧୯୦୮୨୫୪ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୫,୮୬,୨୪୪ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୧୨୮୨୨୧୫ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୩୯୭୯୫ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ପୂର୍ବତନ ପୋଲିସ୍ ଡିଜି ଏସ୍ ଏନ୍ ତିୱାରୀଙ୍କ ପରଲୋକ



ଭୁବନେଶ୍ୱର ,୫।୮ (ନି.ପ୍ର): ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ଶ୍ୟାମ ନାରାୟଣ ତିୱାରୀଙ୍କ ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ବର୍ଷ ହୋଇଥିଲା । କିଛିଦିନ ହେବ ସେ କର୍କଟରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ସ୍ୱଗତଃ ତିୱାରୀଙ୍କ ବିୟୋଗରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ଶୋକ ପ୍ରକାଶ କରିଛନ୍ତି । ସେ ଟୁଇଟ୍ କରି ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସ୍ୱର୍ଗତଃ ତିୱାରୀ ଖରିଆରର ମୂଳ ବାସିନ୍ଦା । ▶▶ପୃଷ୍ଠା ୭

## ଓଡିଶାରେ କରୋନା ସୁସ୍ଥଙ୍କ ସଂଖ୍ୟା ୨୫ ହଜାର ଟପିଲା

ଭୁବନେଶ୍ୱର,୫।୮ (ନି.ପ୍ର): ରାଜ୍ୟର ୨୫ ଜିଲ୍ଲାରୁ ବୁଧବାର ଆଉ ୧୨୫୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୫ ହଜାର ଟପିଛି । ବୁଧବାର ଦିନର ସୁସ୍ଥଙ୍କୁ ମିଶାଇ ଏପର୍ଯ୍ୟନ୍ତ ୨୫,୭୩୭ ଜଣ ସୁସ୍ଥ ହାଇ ଘରକୁ ଫେରିଲେଣି । ରାଜ୍ୟ ସ୍ୱାସ୍ଥ୍ୟଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାରୁ ସର୍ବାଧିକ ୪୮୫ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧାରୁ ୧୨୫, ସୁନ୍ଦରଗଡରୁ ୧୨୨ , ସମ୍ବଲପୁରରୁ ୧୦୭, ପୁରୀରୁ ୭୫, ମୟୂରଭଂଜରୁ ୪୩, କଟକରୁ ୪୦, ଜଗତସିଂହପୁରରୁ ୨୯,କନ୍ଧମାଳରୁ ୨୮, ବାଲେଶ୍ୱରରୁ ୨୭, ବଲାଙ୍ଗୀରରୁ ୨୪,କୋରାପୁଟରୁ ୨୨, ଅନୁଗୁଳରୁ ୨୦,ନବରଙ୍ଗପୁରରୁ ୧୮, ଗଜପତିରୁ ୧୬ଜଣ ସୁସ୍ଥ ହୋଇଛନ୍ତି । ଏହା ବ୍ୟତୀତ ନୟାଗଡରୁ ୧୪, କେନ୍ଦ୍ରାପଡାରୁ ୧୨, ମାଲକାନଗିରିରୁ ୧୧, ଭଦ୍ରକରୁ ୧୦,କଳାହାଣ୍ଡିରୁ ୮,ନୂଆପଡାରୁ ୬, ଯାଜପୁରରୁ ୫, ଢେଙ୍କାନାଳରୁ ୪ , ଝାରସୁଗୁଡାରୁ ୩ ଏବଂ କେନ୍ଦୁଝରରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ଏସ୍.ଏନ୍. ତିୱାରୀଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୫।୮ (ନି.ପ୍ର): ଅବସରପ୍ରାପ୍ତ ପୋଲିସ ଡିଜି ଏସ୍. ଏନ୍. ତିୱାରୀଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଅବସରପ୍ରାପ୍ତ ପୋଲିସ ଡିଜି ଏସ୍. ଏନ୍. ତିୱାରୀଙ୍କ ପରଲୋକ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କର ଅଭିନବ କାର୍ଯ୍ୟଶୈଳି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗକୁ ସାନ୍ତ୍ୱନା ଜଣାଉଛି ।

# କରୋନା ଆକ୍ରାନ୍ତ ବ୍ଲଡ ବ୍ୟାଙ୍କ କର୍ମଚାରୀ ଦୁଇଟି କ୍ୟାମ୍ପରେ ରକ୍ତ ସଂଗ୍ରହ କରିଥିଲେ !

ରାଉରକେଲା,୦୫।୮ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ କରୋନା ଅକ୍ରାନ୍ତଙ୍କ ସଂଖ୍ୟା ଇତିମଧ୍ୟରେ ୧୫୦୦ ଟପିସାରିଥିବା ବେଳେ ଏବେ ରାଉରକେଲାରେ ଏହାର ପ୍ରକୋପ ବଢୁଥିବା ଦେଖା ଯାଉଛି । ଏତିକି ବେଳେ ରାଉରକେଲା ସରକାରୀ ବ୍ଲଡ ବ୍ୟାଙ୍କର ଜଣେ କର୍ମଚାରୀ ୩୧ ତାରିଖରେ କୋଭିଡ୍ ଆକ୍ରାନ୍ତ ଜଣାପଡିବା ପରେ ସେ ସେହିଦିନ ଦୁଇଟି ବ୍ଲଡ ଡୋନେସନ କ୍ୟାମ୍ପରେ କେମିତି ସେ ଯୋଗଦାନ କଲେ ସେନେଇ ଏବେ କଥା ସହର ସାରା ଆଲୋଚନା ଜୋର୍ ଧରିଛି । ଗତ ୩୧ ତାରିଖରେ ରାଉରକେଲା ଆଇଜିଏଚରେ ପ୍ଲାଜମା ବ୍ୟାଙ୍କ ଉଦଘାଟନ ଲାଗି ଭୁବନେଶ୍ୱରରୁ ଜଣେ ମନ୍ତ୍ରୀ ଓ ଅଫିସର ଆସିଥିଲେ । ସେହିଦିନ ରାଉରକେଲା ଛେଣ୍ଡ ଗୋପବନ୍ଧୁ କଲ୍ୟାଣ ମଣ୍ଡପରେ ସକାଳ ୧୦ଟାରେ ଏକ ରକ୍ତଦାନ କ୍ୟାମ୍ପ କରାଯାଇଥିଲା । ତେବେ ସେହି କ୍ୟାମ୍ପରେ ପାଖା ପାଖି ୨୦ ଜଣ ରକ୍ତଦାନ କରିଥିବା ବେଳେ ରକ୍ତ ସଂଗ୍ରହ କରିଥିବା ବ୍ୟକ୍ତି ଜଣକ ବ୍ଲଡ ବ୍ୟାଙ୍କ କର୍ମଚାରୀ । ସେହିଦିନ ତାଙ୍କର ରିପୋର୍ଟ ପଜିଟିଭ ବାହାରି ଥିବା ଜଣାପଡିଥିଲା । ଏହି ବ୍ୟକ୍ତି ଜଣକ ଖାଲି ଏହି ଯାଗାରେ ରକ୍ତ ସଂଗ୍ରହ କରିନାହାନ୍ତି, ସେଦିନ ୨୭ ନମ୍ବର ୱାର୍ଡରେ ଖୋଦ୍ ମନ୍ତ୍ରୀଙ୍କ ଉପସ୍ଥିତିରେ ହୋଇଥିବା ରକ୍ତଦାନ ଶିବିରରେ ମଧ ସେହି ବ୍ୟକ୍ତି କୁଆଡେ ରକ୍ତ ସଂଗ୍ରହ କରିଥିଲେ ବୋଲି କୁହାଯାଉଛି । ତେବେ ଏନେଇ ଆରଜିଏଚର ଡାକ୍ତର କବି ଶତପଥିଙ୍କୁ ପଚରାଜିବାରୁ ସେ କହିଛନ୍ତି, ୩/୪ଦିନ ତଳେ ବ୍ଲଡବ୍ୟାଙ୍କର ଜଣେ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ସେହି କର୍ମଚାରୀ ଜନକ ପଜିଟିଭ ହୋଇଛନ୍ତି ଓ ତାଙ୍କର ସ୍ୱାବ ଆଗରୁ ନିଆଯାଇଥିଲା, ତାଙ୍କର କୌଣସି ଲକ୍ଷଣ ରହିଥିଲା ତେବେ ତାଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଯାଗାକୁ କେମିତି ଛଡା ଗଲା ? ସେ ଯେଉଁ ମାନଙ୍କ ସଂସ୍ପର୍ଶରେ ଆସିଲେ ଖୋଦ୍ ମନ୍ତ୍ରୀ ମଧ ସେଠାରେ ଥିଲେ ସେମାନେ ସମସ୍ତେ ଏବେ କ୍ୱାରେନଟାଇନରେ ଯିବେ ନା ଏଥିଲାଗି ଅନ୍ୟ କିଛି ନୂଆ ନିୟମ ରହିଛି ବୋଲି ସାଧାରଣରେ ପ୍ରଶ୍ନ ହୋଇଛି ।

# ପ୍ରାକ୍ତନ ବିଜେଡି ସଭାପତିଙ୍କ ବିୟୋଗରେ ଶୋକ

ଧର୍ମଶାଳା,୦୫।୮ (ନି.ପ୍ର): ରସୁଲପୁର ବ୍ଲକ ସାମନ୍ତରାପୁର ପଂଚାୟତ ସାମନ୍ତରାପୁର ଗ୍ରାମର ପ୍ରାକ୍ତନ ବିଜେଡି ସଭାପତି ଗଣନାଥ ସାହୁଙ୍କର ୯୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ଦୀର୍ଘ ଦିନ ଧରି ପକ୍ଷଘାତ ରୋଗରେ ପୀଡିତ ଥିଲେ । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ପୁଅ ବୋହୂ,ନାତି ନାତୁଣୀ ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ରହିଥିଲେ । ପରଲୋକର ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇଁ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ,ବରୀ ବିଧାୟିକା ସୁନନ୍ଦା ଦାସ,ବରିଷ୍ଠ ନେତା ଦେବେନ୍ଦ୍ର ଦାସ,ଅତଲାପୁର ସରପଂଚ ପ୍ରଫୁଲ୍ଲ ସାହୁ ଓ ସାମନ୍ତରାପୁର ସରପଂଚ ଅଭିମନ୍ୟୁ ମହାଳିକଙ୍କ ସମେତ ବହୁ ମାନ୍ୟଗନ୍ୟ ବକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ । ଦଳର ଜଣେ ମୁରବୀ ଓ ଗ୍ରାମ ବୟୋଜ୍ୟେଷ୍ଠଙ୍କୁ ହରାଇଲା ବୋଲି ସାଂସଦ ଓ ବିଧାୟିକ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଥିଲେ । ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା । ତାଙ୍କ ବଡ ପୁଅ ସୁବାସ ମୁଖାଗ୍ନୀ ଦେଇଥିଲେ । ସ୍ୱର୍ଗତ ସାହୁ ସ୍ୱର୍ଗତ କହ୍ଳତରୁ ଦାସଙ୍କ ସମୟରେ ଦଳରେ ଜଣେ ବରିଷ୍ଠ ସଭ୍ୟ ଭାବେ ବିଭିନ୍ନ ସାଂଗଠନିକ କାର୍ଯ୍ୟକରିବା ସହ ପଂଚାୟତର ସଭାପତି ମଧ୍ୟ ରହିଥିଲେ । ଏବଂ ଯୁବ ନେତାଙ୍କୁ ଅନେକ ପ୍ରେରଣା ଦେଉଥିଲେ । ଏବଂ ସେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ ।

# କରୋନା ମୁକ୍ତ ହୋଇଥିବା ବ୍ୟକ୍ତିଙ୍କ ନିକଟରୁ ପ୍ଲାଜମା ସଂଗ୍ରହ ଉପରେ ଆଇନ ଓ ପଂଚାୟତିରାଜ ମନ୍ତ୍ରୀଙ୍କ ଗୁରୁତ୍ୱ

ବାରିପଦା,୦୫।୮ (ନି.ପ୍ର): ଓଡ଼ିଶା ତୃତୀୟ ରାଜ୍ୟ ଭାବେ କରୋନା ରୋଗୀମାନଙ୍କ ଚିକିତ୍ସା କ୍ଷେତ୍ରରେ ପ୍ଲାଜମା ଥେରାପି ଆରମ୍ଭ କରିଥିଲେ । ବାଲେଶ୍ୱର ଓ ମୟୂରଭଞ୍ଜ କୋଭିଡ଼ ପରିଚାଳନା ଦାୟିତ୍ୱରେ ଥିବା ଆଇନ ଓ ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଉତର ଓଡ଼ିଶା ଗସ୍ତରେ ଆସି ପ୍ରଥମେ ବାଲେଶ୍ୱର ଗସ୍ତ କାର୍ଯ୍ୟକ୍ରମ ଶେଷ କରି ବାରିପଦାଠାରେ ପହଁଚିଥିଲେ । ଅଗଷ୍ଟ ୪ ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ବିନୀତ ଭରଦ୍ୱାଜଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ପିଡ଼ି ଡ଼ିଆରଡ଼ିଏ, ବାରିପଦା ଉପଜିଲ୍ଲାପାଳ, ବାରିପଦା ପିଏ ଆଇଟିଡ଼ିଏ, ବାରିପଦା ପିଆରଏମ ମେଡ଼ିକାଲ କଲେଜର ସୁପାରିଟେଣ୍ଡେଂଟ ଓ ସିଡ଼ିଏମଓ ପ୍ରମୁଖଙ୍କ ସହ ଜିଲ୍ଲାରେ କୋଭିଡ଼-୧୯ ପରିଚାଳନା ଓ ସ୍ଥିତାବସ୍ଥା ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଂଗେ କ୍ରିଟିକାଲ ଅବସ୍ଥାରେ ଚିକିତ୍ସା ହେଉଥିବା କୋଭିଡ଼-୧୯ ପେସେଂଟ ମାନଙ୍କ ଚିକିତ୍ସା ନିମନ୍ତେ ଜିଲ୍ଲାରୁ ସୁସ୍ଥ ହୋଇ ଫେରି ଆସିଥିବା କରୋନା ସଂକ୍ରମିତ ରୋଗୀମାନଙ୍କ ନିକଟରୁ ପ୍ଲାଜମା ସଂଗ୍ରହ ଉପରେ ଆଲୋଚନା କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ ଫେସିଲେସନ ସେଂଟରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ବିଷୟରେ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଇଥିଲେ । ଆଇନ ଓ ପଂଚାୟତିରାଜ ମନ୍ତ୍ରୀ ଶ୍ରୀଜେନା ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଓଡ଼ିଶାବାସୀ କରୋନା ମହାମାରୀ ସହିତ ସଂଗ୍ରାମ ଚଳାଇଥିବା ବେଳେ କ୍ରିଟିକାଲ ଅବସ୍ଥାରେ ଚିକିତ୍ସିତ ହେଉଥିବା କୋଭିଡ଼ ସଂକ୍ରମିତମାନଙ୍କ ନିମନ୍ତେ ପ୍ଲାଜମା ଥେରାପି ଆଶାର କିରଣ ପାଲଟିଥିବା ସାଙ୍ଗକୁ ଏକ ସଫଳ ଚିକିତ୍ସା ପଦ୍ଧତି ରୂପେ ବିଶ୍ୱାସ ସୃଷ୍ଟି ହୋଇଛି । ଏଥି ନିମନ୍ତେ ରୋଗ ମୁକ୍ତ ହୋଇ ଫେରିଥିବା ବ୍ୟକ୍ତିମାନେ ସ୍ୱତଃପ୍ରବୃତ ଭାବେ ନିଜର ପ୍ଲାଜମା ଦାନ କରିବା ନିମନ୍ତେ ଆଗେଇ ଆସିବାକୁ ପରାମର୍ଶ ଦେବା ସାଙ୍ଗକୁ ଜନସଚେତନତା ସୃଷ୍ଟି କରାଯିବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ମନ୍ତ୍ରୀ ଶ୍ରୀ ଜେନାଙ୍କ କହିବା ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୪୬୫ରୁ ଅଧିକ ରୋଗ ମୁକ୍ତ ହୋଇ ଫେରିଛନ୍ତି । ଏମାନଙ୍କ ମଧ୍ୟରୁ ପ୍ରାୟ ୩ ଶହରୁ ଅଧିକ ବ୍ୟକ୍ତିମାନଙ୍କ ପ୍ଲାଜମା କରୋନା ସଂକ୍ରମିତମାନଙ୍କ ଚିକିତ୍ସା ଉପଯୋଗୀ ହୋଇପାରିବ । ତେଣୁ ରୋଗମୁକ୍ତ ହୋଇ ଫେରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନିଜର ପ୍ଲାଜମା ଦାନ ନିମନ୍ତେ ସଚେତନ କରାଯାଇ ପାରିଲେ ଏହା କରୋନା ସଂକ୍ରମିତମାନଙ୍କ ଚିକିତ୍ସା କ୍ଷେତ୍ରରେ ବିଶେଷ ଭାବେ ସହାୟକ ହୋଇ ପାରିବ । ଏଥି ସହିତ ଜିଲ୍ଲାରେ ପ୍ରାୟ ୧୫୦ରୁ ଅଧିକ ଆରୋଗ୍ୟ ବ୍ୟକ୍ତି ସ୍ୱଇଚ୍ଛାରେ ନିଜର ପ୍ଲାଜମା ଦାନ କରିବା ନିମନ୍ତେ ନିଜର ସହମତି ପ୍ରକାଶ କରିଥିବା ସମୟରେ ଅନ୍ୟମାନଙ୍କୁ ପ୍ଲାଜମା ଦାନ କରାଇବା ନିମନ୍ତେ ସଚେତନ କରାଇବା ନିମନ୍ତେ ମନ୍ତ୍ରୀ ଶ୍ରୀଜେନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଦେବାଶିଷ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜାରକା ସତ୍ୟ ସାଇ ସେବା ସମିତି ପକ୍ଷରୁ ଗହ୍ମାପୂର୍ଣ୍ଣମୀ ଉତ୍ସବ ପାଳିତ

ଧର୍ମଶାଳା,୦୫।୮ (ନି.ପ୍ର): ଧର୍ମଶାଳା ବ୍ଲକ ଜାରକାସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ଗହ୍ମପୂର୍ଣ୍ଣମୀ ଉତ୍ସବ ପାଳିତ ହୋଇଛି । ଏହି ଉତ୍ସବ ୧୧ ଦିନ ଧରି ଚାଲିବାକୁ ଥିବା ବେଳେ ବିଶ୍ୱର କଲ୍ୟାଣ ଓ ସମ୍ପ୍ରତିକ କରୋନା ମହାମାରିକୁ ପ୍ରତିହତ କରିବା ଏଡାର ମୂଲ୍ୟ ଲକ୍ଷ୍ୟ । ଏହି ଅବସରରେ ସ୍ଥାନୀୟ ସାଇ ଆରୋଗ୍ୟମ ପରିସରରୁ ବାଲ ବିକାଶ ଗୁରୁମା ପ୍ରମୋଦିନୀ ସାମଲଙ୍କ ଗୃହରୁ ଆରମ୍ଭ ହେବା ସହ ରାଜ୍ୟ ସତ୍ୟସାଇ ସେବା ସଂଗଠନର ନିର୍ଦ୍ଦେଶକ୍ରମେ ସମସ୍ତ ସତ୍ୟ ସାଇ ପରିବାର ଓ ବାଲ ବିକାଶ ଛାତ୍ରଛାତ୍ରୀ ଦ୍ୱାରା ଓ ନିଜସ୍ୱ ଗୃହମାନଙ୍କରେ ଏହି ମହାରୁଦ୍ରମ କ୍ୟାଟିଂ ଆଧ୍ୟାତ୍ମୀକ କାର୍ଯ୍ୟକ୍ରମ ଚାଲୁଅଛି । ବିଭିନ୍ନ ଦିବସମାନଙ୍କରେ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହେବା ସହ ପ୍ରାତଃରେ ଓ ସନ୍ଧ୍ୟାରେ ସାଇଗୁନ ଗାନ କରାଯିବ । ସମିତିର ଆବାହକ ଭଜନାନନ୍ଦ ସାମଲ ଓ ରାଜ୍ୟ ଟ୍ରଷ୍ଟ ସଭ୍ୟ ରତି ରଂଜନ ରାୟଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ,ଆଧ୍ୟାତ୍ମୀକ ସଂଯୋଜକ ଜତିନ୍ଦ୍ର ମୋହନ ଦାସ,ସେବା ସଂଯୋଜକ ଅର୍ଜ୍ଜୁନ ଚରଣ ରାଉତ,ବଟକୃଷ୍ଣ ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ସାହୁ,ଅରୁନ୍ଧତି ସାହୁ, ପ୍ରମିଳା ସାହୁ, ପ୍ରତିମା ସାହୁ, ମୀନତି ବଳ,ସୌରଭ ଜେନାଙ୍କ ସମେତ ସମିତିର କ୍ଷ୍ଵ ଭାଇଭଉଣୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

# ଏନ୍‌ଓୟୁ ଜାତୀୟ ସେବା ଯୋଜନା ମୁକ୍ତ ଶାଖା ପକ୍ଷରୁ ରକ୍ଷା ବନ୍ଧନ ପାଳିତ

ବାରିପଦା,୦୫।୮ (ନି.ପ୍ର): ବାରିପଦାସ୍ଥିତ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ମୁକ୍ତ ଶାଖା ପକ୍ଷରୁ କରୋନା କଟକଣା ପରିସରରେ ଥାଇ ବୃକ୍ଷଗୁଡ଼ିକରେ ରାଖୀ ବାନ୍ଧି ପବିତ୍ର ରକ୍ଷା ବନ୍ଧନ ଉତ୍ସବକୁ ଏକ ସ୍ୱତନ୍ତ୍ର ଓ ଭିନ୍ନ ଢ଼ଙ୍ଗରେ ପାଳନ କରିଛନ୍ତି । ପ୍ରକୃତିର ମିତ୍ର ତଥା ମାନବ ସମାଜର କଲ୍ୟାଣକାରୀ ବନ୍ଧୁ ଭାବେ ବୃକ୍ଷ ସଦାସର୍ବଦା ନିଜକୁ ନିୟୋଜିତ କରିଆସୁଛି । ତେଣୁ ବୃକ୍ଷ ଆମର ବନ୍ଧୁ ହୋଇଥିବାରୁ ତାକୁ ସୁରକ୍ଷା ପ୍ରଦାନ କରିବା ଏବଂ ବୃକ୍ଷ ସହ ମାନବ ସମାଜର ସମ୍ପର୍କକୁ ସୁଦୃଢ଼ କରାଇବାର ମହତ୍ ଉଦ୍ଦେଶ୍ୟ ନେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ସଂଯୋଜିକା ଉଷା ଶତପଥୀ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ମୁକ୍ତ ଶାଖା ଅଧିକାରୀ ଡ଼ଃ ସ୍ମୃତିରଞ୍ଜନ ଦାସଙ୍କ ମିଳିତ ସହଯୋଗ ଓ ଦିଗ୍‌ଦର୍ଶନରେ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ବୃକ୍ଷଗୁଡ଼ିକରେ ରାଖୀ ବାନ୍ଧିଥିଲେ । ବର୍ତ୍ତମାନ ପୃଥିବୀରେ ଯେଉଁ ଭଳି ଗ୍ଲୋବାଲ ୱାର୍ମିଂର ସମ୍ମୁଖୀନ ହେଉଛନ୍ତି ଏବଂ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ହେବାରେ ଲାଗିଛି ଏଥିରୁ ବାହାରକୁ ବାହାରି ଆସିବା ନିମନ୍ତେ ବୃକ୍ଷ ମାନବ ସମାଜର ବନ୍ଧୁ ଭାବେ କାର୍ଯ୍ୟ କରୁଥିବାରୁ ତାକୁ ସୁରକ୍ଷା ପ୍ରଦାନ ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଇବା ଜାତୀୟ ସେବା ଯୋଜନା ମୁକ୍ତ ଶାଖାର ସ୍ୱେଚ୍ଛାସେବୀମାନେ ନିଜର ପରମ କର୍ତବ୍ୟ ବୋଲି ଗ୍ରହଣ କରିଥିବା ବିଷୟକୁ ଜନସାଧାରଣରେ ପ୍ରଶଂସା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାନୁପ୍ରିୟା ମହାନ୍ତ, ହରମୋହନ ମହାନ୍ତ, ଦେବସ୍ମିତା ଚୌଧୁରୀ, ଓମକାର ମହାପାତ୍ର, ସୁମନ୍ତ ନାୟକ, ନମୀତା ବେହେରା, ଅଭୟ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିବା ସମୟରେ ସମାଜ ସଚେତନତା କ୍ଷେତ୍ରରେ ଏହିପରି ଉଲ୍ଲେଖନୀୟ କାର୍ଯ୍ୟଗୁଡ଼ିକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ, କୁଳସଚିବ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଜାତୀୟ ସେବା ଯୋଜଜନା ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗ ଉପସଚିବ ଡ଼ଃ ସୁରେଖା ସୁନ୍ଦରୀ ସ୍ୱାଇଁ, ଜାତୀୟ ସେବା ଯୋଜନା ଆଂଚଳିକ ନିର୍ଦ୍ଦେଶକ ସାଇଦା ନାୟକ, ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ. ଶୁଭେନ୍ଦୁ ଦାସ ପ୍ରମୁଖ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଏକ ସ୍ୱତନ୍ତ୍ର ଓ ଭିନ୍ନ ଢ଼ଙ୍ଗରେ ପାଳନ କରିବାର ପରମ୍ପରା ରହିଆସିଛି । ଦୀର୍ଘ ୧୭ ବର୍ଷ ଧରି ଜିଲ୍ଲାର ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟ, ସଦସ୍ୟା, ବନପ୍ରେମୀ ଓ ବନ ବିଭାଗର ମିଳିତ ଉଦ୍ୟମରେ ଆଜିର ପବିତ୍ର ଦିନକୁ ଜଙ୍ଗଲ ରକ୍ଷା ବନ୍ଧନ ମହୋତ୍ସବ ଭାବେ ପାଳନ କରି ଆସୁଥିବା ସମୟରେ ଚଳିତ ବର୍ଷ କୋଭିଡ଼-୧୯ କଟକଣାକୁ ଦୃଷ୍ଟିରେ ରଖି ସୀମିତ ଜନସାଧାରଣଙ୍କୁ ନେଇ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଦେଉଳି ବନାଂଚଳର ମିଳିତ ଉଦ୍ୟମରେ ଶୁଳିଆପଦା ନିକଟସ୍ଥ ପାକଟିଆ ଜଙ୍ଗଲର ନିରାଡ଼ମ୍ବର ସହକାରେ ପରିବେଶ ପ୍ରେମୀ ତଥା ସ୍ୱାର୍ଡ଼ାର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକଙ୍କ ତତ୍ୱାବଧାନରେ ଜ୍ଜଲରେ ଥିବା ଗଛମାନଙ୍କରେ ରଖୀ ବାନ୍ଧି ଜଙ୍ଗଲ ରକ୍ଷା ବନ୍ଧନ ପାଳିତ କରାଯିବା ସହ ଜଙ୍ଗଲ ପରିବେଶ ସୁରକ୍ଷା ନିମନ୍ତେ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ୍ ମଲ୍ଲିକ, ପ୍ରବେଶନ ଅଫିସର ସୁଦର୍ଶନ ଗୋପୀନାଥ ଯାଦବ, ଦେଉଳି ରେଞ୍ଜ ଅଧିକାରୀ ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏଥି ସହିତ ନିକଟସ୍ଥ ଅଗ୍ରଣୀ ଜଙ୍ଗଲ ସୁରକ୍ଷା କମିଟିର କର୍ତାମାନେ ଉପସ୍ଥିତ ରହି ପ୍ରଚଳିତ ପରମ୍ପରା ଓ ଜଙ୍ଗଲ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ସେହିପରି ଗଣ୍ଡିଆଡ଼ିହା ଭିଏସ୍‌ଏସ୍ ପକ୍ଷରୁ ପାଳିତ ହୋଇଥିବା ଜଙ୍ଗଲ ରକ୍ଷା ବନ୍ଧନ କାର୍ଯ୍ୟକ୍ରମକୁ ସ୍ୱାର୍ଡ଼ାର ପ୍ରୋଗ୍ରାମ ଅଫିସର ମୋହନ ମୁର୍ମୁ ଏବଂ ଶୁଳିଆପଦା ବନରକ୍ଷୀ ବିଜୟ କୁମାର ସେଠୀ ପରିଚାଳନା କରିଥିଲେ ।

# କେନ୍ଦୁଝରର ତେଲକୋଇ ଅଂଚଳରେ ବଣୁଆ ହାତୀଙ୍କ ଉପଦ୍ରବ: ଭାଙ୍ଗିଲେ ଘର, ଫସଲ କଲେ ନଷ୍ଟ

କେନ୍ଦୁଝର,୦୫।୮ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ଅଂଚଳରେ ପୁଣି ବଣୁଆ ହାତୀପଲଙ୍କର ଉପଦ୍ରବ ଆରମ୍ଭ ହୋଇଯାଇଛି । ବଣୁଆ ହାତୀ ପଲ ଘର ଭାଙ୍ଗିବା ସହ ବିଲରେ ଫସଲକୁ ଦଳିମକଚି ନଷ୍ଟ କରି ଦେଇଥିବା ବେଳେ ସେମାନଙ୍କ ପାଖରୁ ଅଳ୍ପକେ ବର୍ତ ଯାଇଛନ୍ତି ଏକ ଦମ୍ପତି । ଜିଲ୍ଲାର ତେଲକୋଇ ଫରେଷ୍ଟ ରେଞ୍ଜ ଅଧିନସ୍ଥ ପଡାଙ୍ଗ ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା । ମିଳିଥିବା ଖବରନୁଶାରେ ବିଳମ୍ବିତ ରାତ୍ରୀରେ ଏକ ବଣୁଆ ହାତୀପଲ ହଠାତ୍ ପଡାଙ୍ଗ ଗ୍ରାମକୁ ପଶି ଆସିଥିଲେ । ହାତୀପଲ ଲୋକ ମାନଙ୍କର ବିଲରେ ପଶି ପସଲ ସବୁ ଦଳି ମକଚି ନଷ୍ଟ କରି ଦେଇଥିଲେ । ଏବଂ ଗ୍ରାମରେ ଅନେକଙ୍କ ଘର ଭାଙ୍ଗି ମଧ୍ୟ ଦେଇଥିଲେ । ବଣୁଆ ହାତୀ ପଲ ପଡାଙ୍ଗ ଗ୍ରାମର ରଥ ମହାନ୍ତଙ୍କ ୩ ବଖରା ଘର ଭାଙ୍ଗି ଦେଇଥିଲେ । ହାତୀପଲ ଘର ଭାଙ୍ଗିବା ଦେଖି ରଥ ମହାନ୍ତ ଏବଂ ତାଙ୍କ ସ୍ତ୍ରୀ ଜୀବନ ବଞ୍ଚାଇବା ଲାଗି ପ୍ରାଣ ବିକଳରେ ଦୌଡି ପଳାଇଥିଲେ । ତଥାପି ଏହି ହାତୀପଲରେ ରହିଥିବା ଗୋଟିଏ ଦନ୍ତା ହାତୀ ରଥ ମହାନ୍ତଙ୍କ ପଛରୁ ମଧ୍ୟ ଗୋଡାଇଥିଲା । ହେଲେ ରଥ ଦମ୍ପତିଙ୍କ ପାଟି ଶୁଣି ଗ୍ରାମ ଲୋକମାନେ ଉଠି ପଡିଥିଲେ ଏବଂ ସେମାନେ ସଙ୍ଗେ ସଙ୍ଗେ ନିଆଁ ହୁଳା ସାହାର୍ଯ୍ୟରେ ହାତୀ ପଲଙ୍କୁ ଘଉଡାଇ ଦେବାରୁ ରଥ ଦମ୍ପତି ଅଳ୍ପକେ ବର୍ତି ଯାଇଥିଲେ । ନିକଟବର୍ତି ଜଙ୍ଗଲରେ ଏହି ହାତୀ ପଲ ଡେରା ପକାଇଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏହି ହାତୀପଲରେ ୧୨ ଟି ହାତୀ ରହିଥିଲେ ବୋଲି ସୂଚନା ମିଳିଛି । ତେଲକୋଇ ଅଂଚଳରେ ବଣୁଆ ହାତୀ ପଲଙ୍କର ପ୍ରାୟତଃ ଅନେକ ସମୟରେ ବିଭିନ୍ନାଂଚଳରେ ଉପଦ୍ରବ ଲାଗି ରହୁଅଛି । ଫଳରେ ସାଧାରଣ ଲୋକଙ୍କର ଧନ ଜୀବନ ଅସୁରକ୍ଷିତ ହୋଇ ପଡୁଛି । କିନ୍ତୁ କେନ୍ଦୁଝର ଜିଲ୍ଲା ବନ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ କୌଣସି ଦୃଢ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ସବୁବେଳେ ହେଉଅଛି । ଲୋକଙ୍କୁ ହାତୀପଲଙ୍କ ଉପଦ୍ରବରୁ ସୁରକ୍ଷା ଦେବା ଲାଗି ସେମାନଙ୍କ ଚଳପ୍ରଚଳ ପଥ ନିର୍ଦ୍ଧରଣ କରାଯାଇ ଟ୍ରେଂଚ ଖୋଳାଯିବା କିମ୍ବା ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଇ ସେମାନେ ଗ୍ରାମମାନଙ୍କରେ ପ୍ରବେଶ କରିବା ପୂର୍ବରୁ ଘଉଡାଇ ଦେବାର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଉ ନାହିଁ ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଉଚ୍ଚ କର୍ତୃପକ୍ଷ ଏଦିଗରେ ଆବଶ୍ୟକ ଦୃଷ୍ଟି ଦେବାକୁ ସପକ୍ଷରେ ମତ ପ୍ରକାଶ ପାଉଛି ।

# ଗାଁ ରାସ୍ତାରେ ଯୁବକଙ୍କୁ ଲଣ୍ଡାକରି ଜୋତାମାଳ : ପାଣି ମାଗିବାରୁ ମିଳିଲା ପରିସ୍ରା

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

ଭଦ୍ରକ, ୫/୮ (ହି.ସ.)-ଆଇନ୍‌କୁ ହାତକୁ ନେବାର କାହାରି ଅଧିକାର ନାହିଁ। ଏପରି କ୍ଷେତ୍ରରେ ଗତକାଲି ତିହିଡି ଥାନା ଅଧୀନ ବାଉଁଶବାଗ ଗ୍ରାମରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜନୈକ ଯୁବକଙ୍କୁ ଲଣ୍ଡାକରି ମୁହଁରେ ଚୂନକାଳି ମାରି ବେକରେ ଯୋତାମାଳ ପିନ୍ଧାଇ ଗ୍ରାମରେ ବୁଲାଇବା ସଂପ୍ରତି ଆଲୋଚନାର ବିଷୟ ହୋଇଛି। ଯୁବକଙ୍କ ସ୍ତ୍ରୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗ୍ରାମର କିଛି ଲୋକ ସନ୍ଧ୍ୟା ୭ଟା ସମୟରେ ତାଙ୍କ ଘର ନିକଟରେ ପହଂଚିଥିଲେ। ଯୁବକ ଜଣକ ସେହି ସମୟରେ ଘରେ ପହଂଚି ଟେଲିଭିଜନ୍ ଦେଖୁଥିଲେ। ଯୁବକଙ୍କ ଦାଣ୍ଡଘରେ ଥିବା ବାଇକ୍‌ଟିକୁ ଏହି ଉତ୍ୟକ୍ତ ଲୋକେ ଘରୁ ବାହାରକୁ ନେଇ କଟାଡି ଭାଙ୍ଗି ଦେଇଥିଲେ। ପରେ ସଂପୃକ୍ତ ଯୁବକଙ୍କୁ ମାଡ ମାରି ଦୌଡିରେ ବାନ୍ଧି ଘୋଷାରି ଘୋଷାରି ଗାଁ ଆଡକୁ ନେଇଯାଇଥିଲେ। ଏପରିକି ପାଣି ପିଇବାକୁ ମାଗିବାରୁ ଯୁବକଙ୍କୁ ପରିସ୍ରା ଦିଆଯାଇଥିଲା। ଯୁବକଙ୍କୁ ପ୍ରଥମେ ଲଣ୍ଡା କରାଯାଇଥିଲା। ପରେ ମୁହଁରେ ଚୁନକାଳି ମରାଯାଇଥିଲା। ତାଙ୍କ ବେକରେ ଜୋତାମାଳ ପକାଇ ଗାଁ ପରିକ୍ରମା କରାଯାଇଥିଲା। ସ୍ୱାମୀଙ୍କର ମୋବାଇଲ୍ ଫୋନ୍ ଓ ଦଶ ହଜାର ଟଙ୍କା ମଧ ସେମାନେ ନେଇଯାଇଥିବାବେଳେ ସେ ଏହାର ପ୍ରତିବାଦ କରୁଥିବା ସମୟରେ ତାଙ୍କୁ ମଧ ମାଡ ମାରି ବେକରେ ଥିବା ସୁନାହାର, କାନଫୁଲ ଆଦି ନେଇଯାଇଛନ୍ତି ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ଇଜ୍ଜତ ନେବା ପାଇଁ ପ୍ରୟାସ କରାଯାଇଥିଲା। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତିହିଡି ଥାନାର ତଦନ୍ତକାରୀ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଜନୈକ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସଂପୃକ୍ତ ଯୁବକଙ୍କ ନାମରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଯୁବକ ଜଣଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ମିଳିଛି। ଯୁବକଙ୍କୁ ଲଣ୍ଡାକରି ବୁଲାଇବା ଅଭିଯୋଗରେ ଆଉ ଏକ ମାମଲା ୧୭ ଜଣ ପୁରୁଷ ଓ ମହିଳାଙ୍କ ନାମରେ ରୁଜୁ କରାଯାଇଛି। ଆକ୍ରମଣ ଅଭିଯୋଗରେ ସଂପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିବାବେଳେ ମାନବାଧିକାର କ୍ଷୁର୍ଣ୍ଣ କରିଥିବା ଅଭିଯୋଗରେ ଏପର୍ଯ୍ୟନ୍ତ ପୁଲିସ୍ କାହାରିକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଏପରି ଏକ ବର୍ବୋରଚିତ ଘଟଣାରେ କେହି କାହିଁକି ଗିରଫ ହୋଇନାହାଁନ୍ତି, ସେ ସଂପର୍କରେ ଜାଣିବା ପାଇଁ ତିହିଡି ଥାନା ଅଧିକାରୀ ରମେଶ ଚନ୍ଦ୍ର ସିଂଙ୍କ ସହ ଯୋଗାଯୋଗ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବୁ ବୋଲି ସେ କହିଛନ୍ତି। ତେବେ ଆଜି ଜିଲାପାଳ ଜ୍ଞାନ ଦାସଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି।

# ଅସହାୟ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ଦାବୀ

ନୂଆପଡା,୦୫।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିରିଘାଟ ଗ୍ରାମର ଅସହାୟ ମହିଳା ମିଚି ଭିତ୍ରିଆଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ଦୀର୍ଘ ବର୍ଷ ହେବ ସ୍ୱାମୀ ହରିସିଂ ଭିତ୍ରିଆଙ୍କର ମୃତ୍ୟୁ ପରେ ଏକାକୀ ମହିଳା ଅସହାୟ ଅବସ୍ଥାର ଜୀବନ ଅତିବାହିତ କରୁଛନ୍ତି । ତାଙ୍କର ମାଟି ଘର ଭଙ୍ଗା ଦଦରା ଅବସ୍ଥାରେ ପଡି ରହିଥିବା ବେଳେ ଚଳିତ ବର୍ଷର ବର୍ଷାରେ ସନ୍ତସନ୍ତିଆ ଅବସ୍ଥାରେ ରହିଅଛି । ଏନେଇ ଏହି ଅସହାୟ ମହିଳା ସରପଂଚଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇଁ ଆବେଦନ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ । ଅନ୍ୟପକ୍ଷରେ ପଂଚାୟତର ଧନୀ ଶ୍ରେଣୀର ଲୋକେ ବିଭିନ୍ନ ସରକାରୀ ଯୋଜନାକୁ ହାତୋଉଥିବା ବେଳେ ମିଚିଙ୍କ ଭଳି ଅସହାୟ ମହିଳାଙ୍କ ପାଇଁ ସାତ ସପନ ପାଲଟିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଶ୍ରାବଣ ମାସରେ ମୁଣ୍ଡ ଫଟା ଖରା : ଉଜୁଡ଼ିଯିବ ଅବିଭକ୍ତ କଟକ ଜିଲ୍ଲାର ଭାତହାଣ୍ଡି

ପଟ୍ଟାମୁଣ୍ଡାଇ,୦୫।୮ (ନି.ପ୍ର): ଅବିଭକ୍ତ କଟକ ଜିଲ୍ଲାର ଭାତହାଣ୍ଡି ଉତିକଣ ଅଚଂଳ । ଉତିକଣ ଅଚଂଳର ୯୦ ମୌଜାର ୭୦ ହଜାର ଲୋକଙ୍କ ମଧ୍ୟରୁ ୮୦ ପ୍ରତିଶତ ଚାଷୀ । ଚାଷ କଲେ ବର୍ଷକର ଦାନା ମିଳିଥାଏ । କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଏ ଅଚଂଳର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି । ଫାଇଲିନ, ହୁଡୁହୁଡୁ, ଅମ୍ପନ ବାତ୍ୟା ଏ ଅଚଂଳର ବ୍ୟାପକ ଧାନ ଫସଲ ଉଜାଡ଼ି ଦେଇଥିଲା । ଏତେ ସବୁ ବିପର୍ଯ୍ୟୟକୁ ସାମ୍ନା କରି ଚଳିତବର୍ଷ ଚାଷୀ ବିହନ ବେଉଷଣ କରି ଆଶା ବାନ୍ଧିଥିଲେ ଏ ବର୍ଷ ଭଲ ଫସଲ ଗଣ୍ଡାକ ଅମଳ କରିବେ । ହେଲେ ମୌସୁମୀର ଅନିୟମିତତା ହଠାତ୍ ଫେରାର ହୋଇଯିବାରୁ ଶ୍ରାବଣ ମାସରେ ମୁଣ୍ଡ ଫଟା ଖରା ଚାଷୀଙ୍କ ମନ ବଳକୁ ଭାଙ୍ଗି ଦେଇଛି । ବିଲ ଫାଟି ଯାଉଛି । ଚାଷୀର ମୁଣ୍ଡ ଉପର ପ୍ରଚଣ୍ଡ ଖରା, ଧରାରେ ବିଲ ଫାଟି ମୁକୁଳା ଦେଖି ଚାଷୀଙ୍କ ହୋସ ଉଡିଯାଉଛି । ବର୍ଷକର ଭାତହାଣ୍ଡି ଆଖି ସାମ୍ନାରେ ନଷ୍ଟ ହୋଇଯାଉଥିବା ହୃଦୟଥରା ଦୃଶ୍ୟ ସେମାନଙ୍କ ମନଭାଙ୍ଗି ଦେଉଛି । ଆଶଙ୍କା ଭିତରେ ଦିନ କାଟୁଛନ୍ତି ଚାଷୀ । ଚାଷୀମାନଙ୍କ ଆଖିରୁ ଏକ ପ୍ରକାର ନିଦ ହଜିଯାଉଛି । କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୧୧ଟି ପଚାଂୟତ ସଂସାରଫଳ, ଖଣତା, ଓଉପଦା , ଶାସନ, ଚନ୍ଦନନଗର, ବିଲିକଣା, ଦୋଷିଆ ପ୍ରଭୃତି ଅଚଂଳରେ ହଜାର ହଜାର ହେକ୍ଟର ଚାଷଜମିରେ ଚାଷକାର୍ଯ୍ୟ ବର୍ଷା ଅଭାବରୁ ଠପ୍ ହୋଇପଡିଛି । ଏହି ଅଚଂଳର କେତେକ ସ୍ଥାନରେ ଜଳସେଚନର ଭିତିଭୂମି ଥିଲେ ମଧ କେନାଲରେ ପାଣି ଆସେନାହିଁ । ୬୦ ଦଶକରେ ମରୁଡ଼ି ଓ ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି ସେତେବେଳର ଜଳ ସମ୍ପଦ ମନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସିଂହଦେଓ କେନାଲ ଖନନ କରିବାର ବ୍ୟବସ୍ଥା ଆରମ୍ଭ କରିଥିଲେ । ପରେ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ସ୍ୱର୍ଗତଃ ପ୍ରହଲ୍ଲାଦ ମଲିକ ଏହାକୁ ତ୍ୱରାନ୍ୱିତ କରିଥିଲେ । ଆଜିର ଦିନରେ ସେସବୁ କେନାଲ ପୋତି ହୋଇଯାଇଛି । ପ୍ରତିବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ ମରୁଡ଼ି ଆଶଙ୍କା ନାଁରେ, କେନାଲ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥାନ୍ତି । ଯେଉଁ ମହତ୍ ଉଦ୍ଦେଶ୍ୟ ରଖି ସେତେବେଳେ ଯେଉଁ କେନାଲ ଖୋଳାଯାଇଥିଲା, ତାର ପୁନଃରୁଦ୍ଧାର କରାଯାଇ ଯୁଦ୍ଧକାଳୀନ ଭିତିରେ ପାଣି ଯୋଗାଇ ଦେଲେ ଉତିକଣ ଚାଷୀ ଭାଇମାନେ ଚାଷକାମ ଆରମ୍ଭ କରିପାରନ୍ତେ । ରାଜନୈତିକ ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ମୁନାଫାଖୋର ଯନ୍ତ୍ରୀମାନଙ୍କ ମନମାନି ଯୋଗୁଁ ଆଜି ଏଭଳି ସ୍ଥିତି ଦେଖିବାକୁ ମିଳିଛି । ତେବେ ଚାଷୀଙ୍କ ଭାଗ୍ୟ ସହିତ ଖେଳିବାକୁ ଆଦୌ ବରଦାସ୍ତ କରାଯିବନାହିଁ । ଦିନେ ଦୁଇ ଦିନ ଭିତରେ ପାଣି ଯୋଗାଇ ଦେବା ସହିତ ଉଠାଜଳସେଚନ ବ୍ୟବସ୍ଥା କରାଯିବାକୁ ଉତିକଣ ଚାଷୀ ମୂଳିଆ ସଂଗ୍ରାମ ସମିତିର ଆବାହକ ଭାସ୍କର ରାଉତରାୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ଦିଗରେ ତ୍ୱରିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# କୋଭିଡ ସୁସ୍ଥଙ୍କୁ ଗ୍ରାମବାସୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡା,୦୫।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ନେହେନା ଗ୍ରାମର ୪ ଜଣ କୋଭିଡ ପୋଜିଟିଭ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ସେମାନଙ୍କୁ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଗତ ୨୮ ତାରିଖ ଦିନ ନେହେନା ଗ୍ରାମର ୪ ଜଣ ଯୁବକ କୋଭିଡରେ ଆକ୍ରାନ୍ତ ହୋଇଥିଲେ । ଆକ୍ରାନ୍ତ ପରେ ସେମାନଙ୍କୁ ନୂଆପଡା କୋଭିଡ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଚିକିତ୍ସା ପରେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଘରକୁ ପ୍ରତ୍ୟାବର୍ତନ କରିଛନ୍ତି । ଏହି ଖବର ପାଇ ଗ୍ରାମବାସୀ ମାନେ ମାଳା ପିନ୍ଧାଇ, ଫୋଟକା ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ ।

# ଭୁବନରେ ଡ୍ରେନେଜ ସିଷ୍ଟମ ଫେଲ, ରାସ୍ତାରେ ନର୍ଦ୍ଦମା ପାଣିର ସୁଅ ଚାଲିଛି

ଭୁବନ,୦୫।୮ (ନି.ପ୍ର): ଭୁବନ ଏନଏସିରେ ନିୟମିତ ଭାବେ ଡ୍ରେନ ସଫା ହେଉନଥିବା କାରଣରୁ ଅଧିକାଂଶ ଡ୍ରେନ ପୋତିହୋଇଗଲାଣି । ଆଜି ମଧ୍ୟାହ୍ନରେ ଅସରାଏ ଦୁଇ ଅସରାଏ ବର୍ଷା ହେବା ଫଳରେ ଚାରିଆଡେ ବର୍ଷା ପାଣି ସାଙ୍ଗକୁ ଡ୍ରେନପାଣିର ସୁଅ ଚାଲିଥିବା ଦେଖିବାକୁ ମିଳିଥିଲା । ବର୍ଷା ଆରମ୍ଭରୁ ଅବସ୍ଥା ଅସମ୍ଭାଳ ହୋଇପଡିଲାଣି । ଆଜି ମୁଖ୍ୟତଃ କାଳୀବଜାର ଠାରୁ ମେଡିକାଲ କ୍ୟାମ୍ପସ,ମେଡିକାଲ ରୋଡ,ପାଲାମଣ୍ଡପ ପ୍ରଭୃତି ଅଂଚଳରେ ଡ୍ରେନ ପାଣି ଲହଡି ଭାଙ୍ଗୁଥିଲା । କାଳୀବଜାର ସବୁତକ ପାଣି ମେଡିକାଲ କ୍ୟାମ୍ପସରେ ପଶି କୃତ୍ରିମ ଗାଡିଆ ସୃଷ୍ଟି ହୋଇଥିଲା ଓ ଅଲଟ୍ରା ସାଉଣ୍ଡ ରୁମରେ ବର୍ଷା ପାଣି ସାଙ୍ଗକୁ ଡ୍ରେନ ପାଣି ପଶିଥିଲା । ଗାଁ ଭିତର ଅବସ୍ଥା ଅସମ୍ଭାଳ । ତଳିଆ ଅଂଚଳ ରାସ୍ତାରେ ଆଣ୍ଠୁଏ ଡ୍ରେନପାଣି ଚାଲୁଛି । ଯଥାଶୀଘ୍ର ଡ୍ରେନ ସଫା କରିବା ସହିତ ସ୍ଲାବ ନପକାଇଲେ ସାରା ସହର ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇ ମହାମାରୀ କରୋନା ସାଙ୍ଗକୁ ଝାଡାବାନ୍ତି ବ୍ୟାପିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ଏନଏସି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ବିହୀତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି ।

# ଖଣ୍ଡାଧାର



ଦୂରରୁ ଖଣ୍ଡା ପରି ଦେଖାଯାଉଥିବାରୁ ଏହି ଜଳପ୍ରପାତର ନାମ ହୋଇଛି ଖଣ୍ଡାଧାର । କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଓ ସୁନ୍ଦରଗଡ ଜିଲ୍ଲାର ବଣେଇ ମଧ୍ୟରେ ରହିଛି ପ୍ରାକୃତିକ ପରିବେଶରେ ରହିଛି ଖଣ୍ଡାଧାର ଜଳପ୍ରପାତ । ରାଶିରାଶି ପର୍ବତ ସାଙ୍ଗକୁ ସବୁଜ ବନାନୀ ଓ ଶୀତଦିନର ମନୋରମ ପ୍ରାକୃତିକ ଶୋଭା ହିଁ ଖଣ୍ଡାଧାରର ବିଶେଷତ୍ୱ ।

ଘ ଂ ଜଙ୍ଗଲ, ଉଚ୍ଚ ପର୍ବତ ଏବଂ ମନୋରମ ପ୍ରାକୃତିକ ପରିବେଶ କେନ୍ଦୁଝର ଜିଲ୍ଲାର ବିଶେଷତ୍ୱ । ଅଳଙ୍କାର ମଧ୍ୟରେ ଶ୍ରେଷ୍ଠ ମୁକୁଟ ପରି ଖଣ୍ଡାଧାର ଏହାର ପ୍ରକୃତିଦ ସର୍ବଶ୍ରେଷ୍ଠ ବିଭବ । ପର୍ବତ ଶିଖରରୁ ଡେଇଁ ପଡୁଥିବା ଜଳରାଶିକୁ ତଳେ ପଡିବାକୁ ପ୍ରାୟ ୨୦ ସେକେଣ୍ଡରୁ ଅଧିକ ସମୟ ଲାଗେ । ଏହି ସୁଉଚ୍ଚ ଜଳପ୍ରପାତର ଆଖପାଖ ଅଂଚଳ ଜଳବିନ୍ଦୁ ଯୋଗୁଁ ସବୁବେଳେ ସନ୍ତସନ୍ତିଆ ହୋଇ ରହେ । ବିଭିନ୍ନ ପ୍ରକାର ଗୁଳ୍ମଲତା ଆଦିରେ କାନ୍ଥ



ଭଳି ଛିଡା ହୋଇଥିବା ପର୍ବତରୁ ବହୁ ଅଂଶ ବର୍ଷ ସାରା ଆଚ୍ଛାଦିତ ହୋଇ ରହିଥାଏ । ଖଣ୍ଡାଧାରର ପାଣି ପାହାଡକୁ ନଲାଗି ଶୀର୍ଷରୁ ଶୂନ୍ୟରେ ତଳକୁ ଖସି ପଡିଲା ଭଳି ମନେ ହୋଇଥାଏ । ଏହାର ଅସଂଖ୍ୟ ଜଳବିନ୍ଦୁରେ ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ ଅତ୍ୟନ୍ତ ମନଲୋଭା ଓ ଆକର୍ଷକ ।

ଖଣ୍ଡାଧାର ସହିତ ସ୍ଥାନୀୟ ଆଦିବାସୀଙ୍କ ସଂପର୍କ ବେଶ୍ ନିବିଡ । ଏଠାରେ ବନବାସ କରୁଥିବା ଭୂୟାଁ ଜନଜାତି ଆଦି ଦେବତାଙ୍କ ନାମ ହେଉଛି 'ଖଣ୍ଡାପାଟ' । ଏହି ଦେବତାଙ୍କ ନାମ ଅନୁସାରେ ଏହାର ନାମ ଖଣ୍ଡାଧାର ହୋଇଥିବା କେହିକେହି ମତ ଦିଅନ୍ତି । ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମକର ମେଳା ଅନୁଷ୍ଠିତ ହୋଇଥାଏ । ଏହି ପ୍ରପାତ କେନ୍ଦୁଝର ଜିଲ୍ଲାର ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । ମକର ସଂକ୍ରାନ୍ତି ଦିନ ଏଠାରେ ସ୍ନାନ କଲେ ମୋକ୍ଷପ୍ରାପ୍ତ ହୋଇଥାଏ ବୋଲି ଏଠାକାର ଭୂୟାଁ ଆଦିବାସୀମାନଙ୍କର ବିଶ୍ୱାସ ରହିଛି । ଖଣ୍ଡାଧାର ଜଳପ୍ରପାତ ଓ ଏଠାକାର ଆଦିବାସୀ ପରମ୍ପରା, ସଂସ୍କୃତିଭି ିକ ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପ୍ରତିବର୍ଷ ହଜାରହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି ।

ପର୍ଯ୍ୟଟନ ବଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୧୪ ମସିହାରେ ଖଣ୍ଡାଧାର ଜଳପ୍ରପାତକୁ ୭୦୬୦୦ ପର୍ଯ୍ୟଟକ ଆସିଥିବାବେଳେ ୨୦୧୫ ମସିହାରେ ୮୩୭୨୧,୨୦୧୬ ମସିହାରେ ୯୩୨୨୬ଜଣ ଓ ୨୦୧୭ରେ ୧ଲକ୍ଷ ୩ ହଜାର ୫୧୬ ଜଣ ପର୍ଯ୍ୟଟକ ଆସିଥିଲେ । କେନ୍ଦୁଝର ସଦର ମହକୁମାଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ ଖଣ୍ଡାଧାରକୁ ଆସିବାକୁ ଏବେ ରାସ୍ତାଘାଟର ଉନ୍ନତୀକରଣ କରାଯାଇଛି । ଜଳପ୍ରପାତ ନିକଟକୁ ପହଂଚିବାକୁ ପ୍ରାୟ ଦେଢ କିଲୋମିଟର ପାହାଡ ଚଢିବାକୁ ପଡେ । ଖଣ୍ଡାଧାର ଜଳପ୍ରପାତଟି ତଳକୁ ଖସିପଡିବା ପରେ ଏହାର ଜଳ କାଦକଳା ଗାଁ ନିକଟରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଏଠାକାର ଜମିକୁ ଜଳସେଚନ କରାଯାଇପାରୁଛି । ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟଭରା ଏହି ଖଣ୍ଡାଧାର ଜଳପ୍ରପାତକୁ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ଆସୁଥିବାବେଳେ ଏଠାରେ ରହିବା ପାଇଁ ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ ଏବଂ ପାର୍କର ବ୍ୟବସ୍ଥା କରାଗଲେ ଏହା ଅଧିକ ମନୋରମ ହେବା ସହ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ସ୍ଥାନୀୟ ଜନସାଧାରଣଙ୍କୁ କର୍ମସଂସ୍ଥାନ ଯୋଗାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## କ୍ଷତିକାରକ ମୋବାଇଲ ରଶ୍ମୀ

ଆଜିକାଲି ବିନା ମୋବାଇଲ ଫୋନ୍ ଦ୍ୱାରା କାମ ହୋଇପାରେ ନାହିଁ । ସବୁବେଳେ ମୋବାଇଲ ଫୋନ୍ କାନରେ ରହିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଆପଣଙ୍କ ସ୍ମାର୍ଟଫୋନ୍‌ରୁ ବାହାରୁଥିବା ରେଡିଓ ତରଙ୍ଗ ଆପଣଙ୍କ ପାଇଁ କେତେ ହାନିକାରକ । କେତେ ଜଣ କୁହନ୍ତି ରେଡିଏସନ୍ ଦ୍ୱାରା ଟ୍ୟୁମର ହୋଇପାରିବ । ଏପର୍ଯ୍ୟନ୍ତ ବୈଜ୍ଞାନିକମାନେ ଏହାର ସଠିକ୍ ତଥ୍ୟ ପାଇପାରିନାହାଁନ୍ତି । ମୋବାଇଲ ଅଧିକ ବ୍ୟବହାର ଦ୍ୱାରା କ୍ୟାନ୍‌ସର ହେବାର ସମ୍ଭାବନା ରହିଛି । ମାଇକ୍ରୋୱେଭ ଏକ୍ସ ଓ ଅଲଟ୍ରାଭାଉଲେଟ୍ କିରଣ ତୁଳନାରେ କମ୍ ଶକ୍ତିଶାଳୀ । ଅନ୍ୟଟି ଏକ୍ସରେ ଓ ପରାବୋଗନି କିରଣ ଆମର ଡିଏନ୍‌ରେ ମଜବୁତ୍ ରାସାୟନିକ ବନ୍ଧକୁ ଭାଙ୍ଗିବାର କ୍ଷମତା ରଖେ । ଆମେରିକାର କ୍ୟାନସର ସୋସାଇଟ୍ ଏହ କିରଣକୁ ପ୍ରକୃତି ସହ ଅନୁସନ୍ଧାନ କରିଛି । ମୋବାଇଲ ଫୋନ୍ ରୁ ବାହାରୁଥିବା ସୂକ୍ଷ୍ମ ତରଙ୍ଗରେ ଏତେ ଶକ୍ତି ନାହିଁ କି ଆମର ଡିଏନ୍‌କୁ ଅଲଗା କରିଦେବ କିନ୍ତୁ ଏହା ମାନେ ନୁହେଁ ଯେ ମୋବାଇଲରୁ ବାହାରୁଥିବା କିରଣ ଆମ ପାଇଁ ସୁରକ୍ଷିତ । ଏପର୍ଯ୍ୟନ୍ତ ଏହା ଠିକ୍ ଭାବେ ଜଣା ପଡିନାହିଁ କି ମୋବାଇଲରୁ ବାହାରୁଥିବା ବିକିରଣ ଦ୍ୱାରା କ୍ୟାନ୍‌ସର ରୋଗ ହୋଇପାରିବ । ବହୁତ ଲୋକ ଫୋନ୍ କିଣିବା ସମୟରେ ଏହି ସବୁ ଜିନିଷ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଫୋନ୍‌ର ଫିଚର ଦେଖି କିଣନ୍ତି । ଜର୍ମାନର ଫେଡେରଲ ଆଫିସ୍ ଫାଁର ଡେଟା ପ୍ରୋଟେକ୍‌ସନ୍ ଏଥର ଏକ ସୂଚୀ ତିଆରି କରିଛି । ଏହି ସୂଚୀରେ ସ୍ମାର୍ଟଫୋନ୍‌ରେ ବାହାରୁଥିବା ଏଡିସନ୍ ତଥ୍ୟ ଦିଆଯାଇଛି । ସବୁଠୁ ବହୁତ ବିକିରଣ ୱାନ ପ୍ଲସ୍, ହୁୱାଇ ଓ ନୋକିଆ ଫୋନ୍ । ମୋବାଇଲ୍ ଏଡିସନ୍‌କୁ ନେଇ ଏପର୍ଯ୍ୟନ୍ତ କିଛି ବି ତଥ୍ୟ ଓ ନୀତି ନିୟମି ବାହାରି ନାହିଁ ।



## ଦେହକୁ ହିତ କଦଳୀ

ଉପାଦେୟ ଏବଂ ସ୍ୱାଦିଷ୍ଟ ଫଳ ମଧ୍ୟରୁ କଦଳୀ ଅନ୍ୟତମ । ସବୁ ବୟସର ଲୋକଙ୍କ ପାଇଁ ଏହା ଉପାଦେୟ ଖାଦ୍ୟ । ଏହା ବଳବର୍ଦ୍ଧକ, ସ୍ୱାସ୍ଥ୍ୟ ଓ ତ୍ୱଚାରକ୍ଷକ । ଏହାର ବୈଶିଷ୍ଟ୍ୟ ହେଲା ଏହା କ୍ଷୁଧା ନିବାରକ । ଏଥିରେ କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ୍, ପୋଟାସିୟମ ପରି ଖଣିଜ ସହ ଭିଟାମିନ-ବି ୬ ଏବଂ ଶରୀର ପାଇଁ ଆବଶ୍ୟକ ହେଉଥିବା କାର୍ବୋହାଇଡ୍ରେଟ, ଫାଇବର, ରେଜିଷ୍ଟା[ ଷ୍ଟାର୍ଚ ପିର ବହୁ ମହ ୍ୱପୂର୍ଣ୍ଣ ପୋଷକତ ୍ୱ ପ୍ରଚୁର ପରିମାଣରେ ରହିଥାଏ । ପ୍ରତିଦିନ ଗୋଟିଏ ଲେଖାଏଁ କଦଳୀ ଖାଉଥିବା ବ୍ୟକ୍ତି ସହଜରେ ବେମାର ହୁଅନ୍ତି ନାହିଁ ବୋଲି କୁହାଯାଏ ।

### ଫାଇଦା

୧. ରୋଗୀମାନଙ୍କ ପାଇଁ ଏହା ଏକ ଉ ମ ଆହାର ।

୨. କଦଳୀରେ ଥିବା ଫାଇବର ପାଚନ ତନ୍ତ୍ରକୁ ଠିକ୍ କରେ । ଫଳରେ ଖାଦ୍ୟ ଭଲ ଭାବରେ ହଜମ ହୁଏ ।

୩. ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାର କ୍ଷମତା କଦଳୀର ଅଛି । ଏଥିରେ ଥିବା ପୋଟାସିୟମ ରକ୍ତବାହିକା ମାଧ୍ୟମରେ ରକ୍ତ ପ୍ରବାହର ଗତିକୁ ହ୍ରାସ କରିବାରେ ସହାୟକ ହୁଏ ।

୪. ହୃଦ୍‌ରୋଗୀମାନଙ୍କ ପାଇଁ କଦଳୀ ଅତ୍ୟନ୍ତ ଉପକାରୀ । ହୃଦ୍‌ଘାତ ଆଶଙ୍କା ହ୍ରାସ କରେ ।

୫. କଦଳୀରେ ଥିବା ମ୍ୟାଗ୍ନେସିୟମ ହାଡର ବିକାଶରେ ସାହାଯ୍ୟ କରେ ଏବଂ ତାକୁ ମଜଭୁତ କରେ ।

୬. ସୁସ୍ଥ ମସ୍ତିଷ୍କ ପାଇଁ ଭିଟାମିନ-ବି ୬ ଅତ୍ୟନ୍ତ ଜରୁରୀ । ଏହା କଦଳୀରେ ଥାଏ ।

୭. ହିମୋଗ୍ଲୋବିନ ମାତ୍ରା ବଢାଏ ଏବଂ ରକ୍ତହୀନତା ଦୂର କରେ ।

୮. ଏଥିରେ ଥିବା ଆମିନୋଏସିଡ ଚାପ ହ୍ରାସ କରେ ।



## ଖାଲି ପେଟରେ ଖାଆନ୍ତୁନି ଏହି ଖାଦ୍ୟ

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଖାଇବାକୁ କାହାପାଖରେ ବି ସମୟ ରହୁନି । ସକାଳ ସମୟରେ ଅଫିସ୍ ହେଉ କିମ୍ବା କୌଣସି କାମରେ ଯିବା ପାଇଁ ତରତର ହୋଇ ଆମେ କିଛି ବି ଖାଇ ଦେଇଥାଉ । ତେବେ ଆପଣଙ୍କର ଏହି ଖରାପ ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ ଭାରି ପଡିପାରେ । ବିଶେଷଜ୍ଞମାନଙ୍କ ଅନୁଯାୟୀ କେତେକ ଖାଦ୍ୟ ଖାଲିପେଟରେ ଖାଇବା ଉଚିତ୍ ନୁହେଁ । ଆସନ୍ତୁ ଜାଣିବା ଏମିତି କେତେକ ଖାଦ୍ୟ ସମ୍ପର୍କରେ, ଯାହାକୁ ଖାଲି ପେଟରେ ଖାଇବା ଆଦୌ ଉଚିତ୍ ନୁହେଁ ।

### ମସଲା ଯୁକ୍ତ ଖାଦ୍ୟ

ସକାଳୁ ଜଳଖିଆରେ କେବେବି ମସଲାଯୁକ୍ତ ତଥା ରାଗଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ଦିନସାରା ପେଟର ଅମ୍ଳ ସୃଷ୍ଟି ହୋଇଥାଏ । ଏହା ଅଲ୍‌ସରର କାରଣ ମଧ୍ୟ ହୋଇପାରେ ।





### ଖଟା ଫଳ

ଖାଲିପେଟରେ ଖଟା ଫଳ ଖାଇବା ଉଚିତ ନୁହେଁ । ଖାଲି ପେଟରେ କମଳା, ଲେମ୍ବୁ, ପିଜୁଳି ଭଳି ଖଟା ଫଳ ଖାଇବା ଉଚିତ ନୁହେଁ । ଏହାଦ୍ୱାରା ପେଟରେ ଅମ୍ଳ ସୃଷ୍ଟି ହୁଏ । ଏଥିରୁ ଆପଣଙ୍କୁ ଫାଇବର ନିଶ୍ଚିତ ଭାବେ ମିଳିବ । କିନ୍ତୁ ଆପଣଙ୍କ ହଜମ ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏସବୁ ଖଟା ଫଳକୁ ଖାଲି ପେଟରେ ନଖାଇ ପରେ ଖାଆନ୍ତୁ ।



### କଫି

ଖାଲି ପେଟରେ କଫି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିପାରେ । ଏହାଯୋଗୁଁ ଏସିଡିଟି ହେବାର ସମ୍ଭାବନା ରହିଛି । ତେଣୁ ଖାଲି ପେଟରେ ଏହିସବୁ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।

### ମୃଦୁ ପାନୀୟ

ମୃଦୁ ପାନୀୟ ବିଶେଷ କରି ଥଣ୍ଡା ପାନୀୟ ଖାଲି ପେଟରେ ପିଅନ୍ତୁ ନାହିଁ । ଏଥିରେ ପ୍ରଚୁର ମାତ୍ରାରେ କାର୍ବୋନେଟ୍ ଏସିଡ୍ ରହିଛି । ଏହା ପେଟରେ ଥିବା ଏସିଡ୍ ସହିତ ମିଶ୍ରିତ ହୋଇ ସମସ୍ୟା ସୃଷ୍ଟି କରେ । ଏଥିସହିତ ଗ୍ୟାସ୍ ଏବଂ ବାନ୍ତି ହେବାର ସମ୍ଭାବନା ମଧ୍ୟ ରହିଛି । ଖାଲି ପେଟରେ କୋଲ୍ଡ କଫି, ବିୟର ପିଅନ୍ତୁ ନାହିଁ । ଏହାଦ୍ୱାରା ପେଟରେ ଥିବା ଖାଦ୍ୟ ହଜମ ହେବାରେ ସହାୟତା କରୁଥିବା ନଳୀକୁ କ୍ଷତି ପହଞ୍ଚିଥାଏ । ଖାଲି ପେଟରେ ଥଣ୍ଡା ପାନୀୟ ପିଇବା ଦ୍ୱାରା ହଜମ ଶକ୍ତି ହ୍ରାସ ପାଏ । ଏହା ସ୍ଥାନୀୟ ଗ୍ରୀନ୍ ଟି କିମ୍ବା ହାଲୁକା ଗରମ ପାଣି ପିଇ ଦିନର ଆରମ୍ଭ କରିପାରିବେ ।



## ସବୁଠୁ ତତଲା ଆ[ର୍କଟିକା

ଆର୍ଜେ[ନା ରିସର୍ଚ୍ଚ ବେସ୍ : ଜଳବାୟୁ ପରିବ ର୍ନର ଅନବରତ ଚାପରେ ସର୍ବାଧିକ ପ୍ରଭାବିତ ହେଉଛି ସମ୍ବେଦନଶୀଳ ମେରୁ ଅଂଚଳ । ମେରୁ ଅଂଚଳରେ ଲଗାତର ବଢୁଥିବା ତାପମାତ୍ରା ସମଗ୍ର ଜୀବଜଗତ ପ୍ରତି ଘନେଇବାରେ ଲାଗିଛି ବିପଦ । ଆ[ର୍କଟିକାରେ ୪ ବର୍ଷର ରେକର୍ଡ ଭାଙ୍ଗିଛି ତାପମାତ୍ରା । ଆର୍ଜେ[ନା ରିସର୍ଚ୍ଚ ବେସ୍ ପକ୍ଷରୁ ମେରୁ ଅଂଚଳରେ ଗତ ଗୁରୁବାର ସର୍ବାଧିକ ତାପମାତ୍ରା ୧୮.୩ ଡିଗ୍ରୀ ରେକର୍ଡ କରାଯାଇଛି । ଜେନିଭାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାର୍ଲଡ ମେଟିଓରୋଲୋଜିକାଲ ଅର୍ଗନାଇଜେଶନର ପ୍ରବକ୍ତା କ୍ଲେୟର ନାଲିସ କହିଛନ୍ତି, ଆ[ର୍କଟିକାର ତାପମାତ୍ରା ବଢିବାରେ ଲାଗିଛି । ଏହା ଅନୁଭବ ହେଉଛି । ହେଲେ ସଦ୍ୟତମ ରେକର୍ଡ କରାଯାଇଥିବା ତାପମାତ୍ରା ଖରାଦିନକୁ ବି ବଳିଯାଇଛି । କ୍ଲେୟର ଆହୁରି ମଧ୍ୟ କହିଛନ୍ତି, ଆ[ର୍କଟିକାର ତାପମାତ୍ରା ଗତ ୫୦% ବର୍ଷରେ ହାରାହାରି ୩ ଡିଗ୍ରୀ ବଢିଛି । ଏହି କାରଣରୁ ୮୭% ଗ୍ଲେସିୟର ତରଳିବା ଆରମ୍ଭ କରିଛି । ଗତ ୧୨ ବର୍ଷରେ ଏହି ପ୍ରକ୍ରିୟା ଅଧିକ କ୍ଷିପ୍ର ହୋଇଛି । ଏହାର କାରଣ ଜଳବାୟୁ ପରିବ ର୍ନ । ତରଳୁଥିବା ବରଫ କାରଣରୁ ଚଳିତ ଶତାବ୍ଦୀର ଶେଷ ଆଡକୁ ସମୁଦ୍ରର ଜଳସ୍ତର ୧୦ ଫୁଟଯାଏ ବୃଦ୍ଧି ପାଇବ । ଏହାର ପ୍ରଭାବରେ ପୃଥିବୀର ଅନେକ ସହର ଜଳମଗ୍ନ ହୋଇପଡିବ । ୧୯୭୯ ରୁ ୨୦୧୭ ଯାଏ ଆ[ର୍କଟିକାର ଆଇସ୍ ଶିଟ୍ ବର୍ଷକୁ ପ୍ରାୟ ୬ ଗୁଣ ହାରରେ ହ୍ରାସ ପାଇବାରେ ଲାଗିଛି ।

## ତକିଆ ସଫା ରହିବ

ମଣିଷ ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଶୟନକକ୍ଷ । ଦିନଯାକର କ୍ଲାନ୍ତି ଏଇଠି ବିତିଥାଏ । ତେଣୁ ଏହା ସଫା ରହିବା ନିହାତି ଜରୁରୀ । ଏଠାରେ ତକିଆ ଏବଂ କୁଶନ୍ ଆଦି ସଫା ରଖିବା ସବୁଠାରୁ ଜରୁରୀ । ତକିଆରେ ତେଲ, ମୃତ ତ୍ୱଚା, ଝାଳ, ଧୂଳିକଣା ଆଦି ଲାଗିଥାଏ । ଏହାକୁ ଠିକ୍ ଭାବେ ସଫା ନକଲେ ବ୍ରଣ ଏବଂ ଅନ୍ୟାନ୍ୟ ତ୍ୱଚା ସମସ୍ୟା ଦେଖାଯାଇପାରେ । ତେଣୁ ବର୍ଷକୁ ତିନିଥର ଏହାକୁ ଯେମିତି ହେଲେ ସଫା କରନ୍ତୁ ।

◆ ତକିଆକୁ ପ୍ରତି ଦୁଇବର୍ଷରେ ଥରେ ବଦଳାଇବା ଉଚିତ୍ । କାରଣ, ଏହାର ତୁଳା ଖରାପ ହୋଇଯାଇଥାଏ । ତେଣୁ ବ୍ୟବହାର କଲେ ବେକ ଯନ୍ତ୍ରଣା ହେବାର ଆଶଙ୍କା ରହିଛି ।

◆ ଧୋଇବା ଉପଯୋଗୀ ତକିଆକୁ ୱାସିଂ ମେସିନ୍‌ରେ ବି ଧୋଇପାରିବେ । ଏହାକୁ ଡ୍ରାୟରରେ ପକାଇବା ପୂର୍ବରୁ ଦୁଇତିନୋଟି ମୋଜାରେ ଗୋଟିଏ ଲେଖା ଟେନିସ୍ ବଲ୍ ଏକାଠି ଶୁଖାଇଲେ କମ୍ ସମୟରେ ଶୁଖିଯିବ ।

◆ ଗୋଟିଏ ଗୋଟିଏ କପ୍ ଡିଟର୍ଜେ[ ପାଉଡର ଏବଂ ଡିସ୍‌ୱାସ୍ ପାଉଡରରେ ବ୍ଲିଚ୍ ମିଶାଇ ଉଷୁମ ପାଣିରେ ତକିଆ ଧୋଇବା ଦ୍ୱାରା ଏହା ଭଲଭାବେ ସଫା ହୋଇଯାଏ ।

◆ ଯଦି ଧୋଇବା ପରେ ବି ତକିଆରୁ ଗନ୍ଧ ଯାଉନଥାଏ ତେବେ ଡିଟର୍ଜେ[ ସହ ବେକିଂ ସୋଡା ମିଶାଇ ଧୋଇଲେ ବେକିଂ ସୋଡା ସମସ୍ତ ଗନ୍ଧ ଦୂର କରିଦେବ ।

◆ ଧଳା ତକିଆକୁ ସଫା କରିବା ପରେ ବି ଏହା ହଳଦିଆ ଦେଖାଗଲେ ଏହାକୁ କିଛି ସମୟ ଲେମ୍ବୁପାଣିରେ ବୁଡାଇ ପରେ ଖାଲିପାଣିରେ ଧୋଇଦେବେ । ସଫା ଦେଖାଯିବ ।



## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କାନ୍ଦିବା ଜରୁରୀ !

ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ହସିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି । ବିଶ୍ୱସ୍ତରରେ ଏପରିକି ଭାରତର ମଧ୍ୟ ବିଭିନ୍ନ ପ୍ରାନ୍ତରେ ହସିବା ପାଇଁ 'ଲାଫିଙ୍ଗ୍ କ୍ଲବ୍' ମାନ ସଂଖ୍ୟାଧିକ ରହିଛି । ପ୍ରକୃତରେ ମନ ଖୁସି ରହିଲେ ସବୁକିଛି ଠିକ୍ ରହେ, ଏଥିରେ ସତ୍ୟତା ଅଛି । ନିକଟରେ କିନ୍ତୁ ଗବେଷକଦଳ ସ୍ପଷ୍ଟ କରିଛନ୍ତି ସୁସ୍ଥ ରହିବା ପାଇଁ କାନ୍ଦିବାର ଆବଶ୍ୟକତା ମଧ୍ୟ ବେଶ୍ ଅଧିକ । ଜାପାନର ବିଶେଷଜ୍ଞ ଦଳ ଏହାର ସତ୍ୟତା ପରୀକ୍ଷା ନିମନ୍ତେ ପ୍ରଥମେ କର୍ମଜୀବୀ ଲୋକଙ୍କ ଉପରେ ପ୍ରୟୋଗ ଆରମ୍ଭ କରିଥିଲେ । ଏହା ମଧ୍ୟ ସତ ଯେ ବିନା କାରଣରେ ହସିବା ସହଜ ହୋଇଥିବାବେଳେ କାନ୍ଦିବା ଏକ ବଡ ଚ୍ୟାଲେଞ୍ଜ । ଏଥି ନିମନ୍ତେ ସ୍ୱତନ୍ତ୍ର ଭାବେ 'କାନ୍ଦିବା ପ୍ରଶିକ୍ଷକ' ଙ୍କୁ ମଧ୍ୟ ଯୋଗାଡ କରାଗଲା । ଟୋକିଓର ଏକ ନାମୀ ଅନ୍ତର୍ଜାତୀୟ କମ୍ପାନୀର



୪୩ ଜଣ କର୍ମଚାରୀଙ୍କୁ ସାମିଲ କରାଗଲା । ଜନୈକ କର୍ମଚାରୀ ୟୋଶିବାଙ୍କ ମତରେ ପ୍ରକୃତରେ ହସିବା, ରୁପ୍ କାନ୍ଦିବାର ପ୍ରତିକ୍ରିୟା ଭିନ୍ନ । କାନ୍ଦିଲେ ମନ ଶାନ୍ତ ହେବା ସହ ଖୁବ୍ ହାଲୁକା ଲଗେ । ଜାପାନରେ ଗବେଷକଦଳ ଏଇ ପରିପ୍ରେକ୍ଷୀରେ ସଫଳ ହେବା ପରେ ବର୍ତ୍ତମାନ ବିଶ୍ୱର ଅନ୍ୟ ରାଷ୍ଟ୍ରରେ 'କାନ୍ଦିବା ଜରୁରୀ' କାର୍ଯ୍ୟକ୍ରମ ଆଗେଇବାରେ ଲାଗିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଏବେ ବି ଦୂରରେ...

ଦେଶର ଜନସଂଖ୍ୟା ଲକ୍ଷେ ତିରିଶ କୋଟି ହେଲାଣି, ଆହୁରି ବଢ଼ିବ । ଦେଶରେ ଗରିବଙ୍କ ସଂଖ୍ୟା ମଧ ଆଶାନୁରୂପ କମିନାହିଁ । ଗ୍ରାମାଞ୍ଚଳରେ ସତୁରି ପ୍ରତିଶତ ବାସ କରୁଥିବାବେଳେ ତିରିଶ ପ୍ରତିଶତ ଏବେ ବି ସହରାଞ୍ଚଳରେ ଅଛନ୍ତି । ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ପ୍ରାଥମିକ ଆବଶ୍ୟକତା ଏବେ ବି ଅପହଞ୍ଚ ହୋଇ ରହିଛି । ସହରାଞ୍ଚଳରେ ପାଇପ୍‌ପାଣି ସତୁରୀ ପ୍ରତିଶତ ପାଉଥିବାବେଳେ ଅନ୍ୟମାନଙ୍କୁ କୂଅ, ନଳକୂଅ ଇତ୍ୟାଦିରୁ ପାନୀୟ ଜଳ ସଂଗ୍ରହ କରିବାକୁ ହୁଏ । ଓଡ଼ିଶାର ଅବସ୍ଥା ଆହୁରି ଖରାପ । ପ୍ରାୟ ଦଶ ହଜାର ଲୋକଙ୍କ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ, ଏ ପର୍ଯ୍ୟନ୍ତ ହଜାର ହଜାର ଗ୍ରାମକୁ ବିଦ୍ୟୁତ ନାହିଁ ନା ଅଧେରୁ ଅଧିକ ଲୋକଙ୍କୁ ପାନୀୟ ଜଳ ମଧ ମିଳେ ନାହିଁ । ଆଦିବାସୀ ଅଧ୍ୟୁଷିତ ଗ୍ରାମମାନଙ୍କର ଅବସ୍ଥା ଏପରି ଯେ ଅନେକ ଗ୍ରାମରେ ଶୁଦ୍ଧ ପାଣି ମିଳେନି ଆଉ କେତେକ ଗ୍ରାମରେ ଦୂରରେ ଥିବା ପୋଖରୀ, ବନ୍ଧ, ନଈନାଳରୁ ଜଳ ସଂଗ୍ରହ କରିବାକୁ ହୁଏ । ସ୍ୱଚ୍ଛ ଜଳ ନାହିଁ ବା ବିଦ୍ୟୁତ୍ ସଂଯୋଗ ନାହିଁ । ସରକାର ଏହି ଅଭାବ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ମଧ କାମ ଧୀର ମନ୍ଥର ଗତିରେ ଚାଲିଛି । ଦାରିଦ୍ର୍ୟ ହ୍ରାସ ପାଇଛି, କିନ୍ତୁ ଦାରିଦ୍ର୍ୟର ସୀମାରେଖା ତଳେ ଏବେ ବି ତିରିଶ ପ୍ରତିଶତ ରହିଛି । ଅନେକ ଗ୍ରାମରେ ବିଦ୍ୟାଳୟ ନାହିଁ ଏବଂ ଦୂରଗ୍ରାମକୁ ଯିବାକୁ ହୁଏ ଶିକ୍ଷା ପାଇଁ । ଅବଶ୍ୟ ବିଦ୍ୟାର୍ଥୀଙ୍କୁ ମଧ୍ୟାହ୍ନ ଭୋଜନ, ପରିଧାନ ଓ ପାଠ୍ୟପୁସ୍ତକ ସରକାର ଦେଉଥିବାରୁ ପ୍ରାଥମିକ ଶିକ୍ଷା ସ୍ତରର ଅବସ୍ଥାରେ ଉନ୍ନତି ହୋଇଛି । ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ସାହାଯ୍ୟ ଏବଂ ପ୍ରସୂତିମାନଙ୍କୁ ଚିକିତ୍ସାଳୟ ନବାପାଇଁ ୧୦୮ ଗାଡ଼ି ଓ ଯୋଗାଯୋଗ ସନ୍ତୋଷଜନକ ନଥିଲେ ମଧ ପ୍ରତିଶ୍ରୁତି ରକ୍ଷା କରିବାପାଇଁ ହେଲେ ଆଉ କେତେ ସମୟ ଲାଗିଯିବ । ମୁଣ୍ଡ ପିଛା ଉପାର୍ଜନ ବର୍ଷକୁ ୬୬ ହଜାର । ଦୈନନ୍ଦିନ ଉପାର୍ଜନ ଷାଠିଏ ସତୁରି ଭିତରେ । ଏବେ ବି ବସ୍ତ୍ର ଓ ବାସସ୍ଥାନ ପ୍ରାଥମିକ ସ୍ତରରେ ଅଛି । ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟର ଅବସ୍ଥା ସନ୍ତୋଷଜନକ ନୁହେଁ । ହକି ମ୍ୟାଚ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟ ଓ ସରକାର ଯୋଗାଇଥିବା ସୁବିଧାସୁଯୋଗ ବୃଦ୍ଧି ପାଉଥିବାରୁ ଲୋକଙ୍କ ସୁଖସୁବିଧାରେ ଉନ୍ନତି ହେଉଛି । କେବଳ ଓଡ଼ିଶାରେ ନୁହେଁ ଦେଶର ଅନେକ ସ୍ଥାନରେ ବାସସ୍ଥାନ, ଜଳଯୋଗାଣ, ଯୋଗାଯୋଗ, ବିଦ୍ୟୁତ, ପାନୀୟ ଜଳ ସୁବିଧା ପ୍ରାଥମିକ ସ୍ତରରେ ଥିବାରୁ ପେଟରୋଗ, ମ୍ୟାଲେରିଆ ଓ ବିବିଧ ରୋଗର ଦୌରାତ୍ମ୍ୟ ଲାଗି ରହିଛି । ଓଡ଼ିଶା ସରକାର ପ୍ରାୟ ବର୍ଷେ ହେବ ଗ୍ରାମଞ୍ଚଳରୁ ଦାରିଦ୍ୟ ଦୂର କରିବା ପାଇଁ ବୟସ୍କ ଲୋକଙ୍କୁ ଧର୍ମପୀଠ ଓ ତୀର୍ଥସ୍ଥାନମାନଙ୍କୁ ଭ୍ରମଣରେ ପଠାଉଥିବାରୁ ଲୋକଙ୍କୁ ଦେଶ ଭ୍ରମଣ ପାଇଁ ସୁଯୋଗ ମିଳୁଛି । କିନ୍ତୁ ଯୋଗାଯୋଗ, ବିଦ୍ୟୁତ, ପାନୀୟ ଜଳ ଓ ବାସ ଉପଯୋଗୀ ଗୃହ ଯୋଗାଣ କ୍ଷେତ୍ରରେ ଏବେ ବି ଅବସ୍ଥା ଖରାପ । ଏକଟଙ୍କିଆ ଚାଉଳ ଗରିବମାନଙ୍କୁ ଯୋଗାଇ ଦବା ଯୋଗୁଁ ସେମାନଙ୍କ ଭୋକର ଜ୍ୱାଳା କମିଛି ସିନା କାମ ମିଳୁ ନଥିବାରୁ ସେମାନଙ୍କ ସ୍ୱାଭିମାନ ହଜି ଯାଉଛି ଏବଂ ସରକାରୀ ସାହାଯ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ସେମାନେ ଏକଟଙ୍କିଆ ଚାଉଳରୁ ଏକାଂଶ ବିକ୍ରି କରିଦେଇ ଅନ୍ୟାନ୍ୟ ସାମଗ୍ରୀ ପାଇଁ ବ୍ୟୟ କରିବାକୁ ହେଉଛି । ସବୁଠାରୁ ବଡ଼ କଥା ହେଉଛି ଗ୍ରାମାଞ୍ଚଳର ଲୋକଙ୍କ ହାତକୁ ପଚାଷ ଷାଠିଏ ଟଙ୍କାରୁ ଅଧିକ ଆସୁ ନଥିବାରୁ ବସ୍ତ୍ର, ବାସସ୍ଥାନ, ପିଲାଙ୍କ ଶିକ୍ଷା ଇତ୍ୟାଦି ପାଇଁ ଆବଶ୍ୟକ ଅର୍ଥ ଯୋଗାଇବା ସମ୍ଭବ ହେଉ ନାହିଁ । ଫଳରେ ଏକଟଙ୍କା ଚାଉଳରୁ ଗୋଟିଏ ଅଂଶ ବିକ୍ରି କରି ସେସବୁ କାର୍ଯ୍ୟ କରିବାକୁ ପଡୁଛି । ସେମାନଙ୍କ ହାତରେ କ୍ରୟଶକ୍ତି ନ ଥିବାରୁ ସେମାନେ ଗରିବ ଅବସ୍ଥାରେ ଅଛନ୍ତି ଏବଂ ସେମାନଙ୍କର ଜୀବନଚର୍ଯ୍ୟାର ଉନ୍ନତି ହେଉ ନାହିଁ । ଦାରିଦ୍ର୍ୟ ଦୂର କରିବାପାଇଁ ହେଲେ ରୋଜଗାର କରିବା ପାଇଁ ବାଟ ମିଳିବା ଦରକାର । ଓଡ଼ିଶା ଦୀର୍ଘ କାଳଧରି ଅନ୍ୟାନ୍ୟ ରାଜ୍ୟମାନଙ୍କର ନିର୍ଭର କରିବାକୁ ପଡୁଛି । ଓଡ଼ିଶାର ଲୋକଙ୍କୁ ସାଧାରଣ ସାମଗ୍ରୀ ଯୋଗାଇଦବା ପାଇଁ ପରିବା, ଡାଲି, ପିଆଜ, ଆଳୁ ଇତ୍ୟାଦି ସହିତ ଦୈନନ୍ଦିନ ଆବଶ୍ୟକତାର କିଛିଅଂଶ ବାହାର ରାଜ୍ୟରୁ ଆସିଥାଏ । କିନ୍ତୁ ଓଡ଼ିଶାରୁ ଅନ୍ୟାନ୍ୟ ରାଜ୍ୟକୁ ପ୍ରାୟ କିଛି ସାମଗ୍ରୀ ଯାଏ ନାହିଁ । ଯଦି କାମ ଓ ସନ୍ଧାର ବିକାଶ କରିବା ଦ୍ୱାରା ବାହାର ରାଜ୍ୟରୁ ଆମଦାନୀ ନ କରି, ସେତକ ବଦଳରେ ଯଦି ଏସବୁ ସାମଗ୍ରୀର ଉତ୍ପାଦନ ବୃଦ୍ଧି କରି ପ୍ରତିବେଶୀ ରାଜ୍ୟମାନଙ୍କୁ ପଠାଇବା ସମ୍ଭବ ହୁଅନ୍ତା ତେବେ ଓଡ଼ିଶାବାସୀଙ୍କ ରୋଜଗାର ବଢ଼ନ୍ତା ଏବଂ ସେମାନଙ୍କ ଚଳଣି ଓ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ଭିତରେ ଥିବା ଆଭାସ ରହନ୍ତା ନାହିଁ । ଗାମୁଛା, ଗେଞ୍ଜି, ଚଦର, ଜାମା ପିଲାଙ୍କ ପରିଧାନ, ଗୃହ ସରଞ୍ଜାମ ଇତ୍ୟାଦି ବାହାର ରାଜ୍ୟରୁ ନ ଆଣି ଯଦି ଏସବୁ ଉତ୍ପାଦନ କରନ୍ତୁ ତେବେ ଆମର ଦରକାର ପୂର୍ଣ୍ଣ କରି ବଳକାତକ ଅନ୍ୟାନ୍ୟ ରାଜ୍ୟକୁ ଯୋଗାଇ ଦେଲେ ଓଡ଼ିଶାର ଲୋକଙ୍କର ରୋଜଗାର ବଢ଼ନ୍ତା ଏବଂ ସେମାନଙ୍କ ବସ୍ତ୍ର, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଅଧିକ ଅର୍ଥ ବ୍ୟୟ କରିବା ସୁଯୋଗ ମିଳନ୍ତା ।




## କଜଳପାତି....

**ଧ୍ରୁବ ଚରଣ ବେହେରା**

କଜଳପାତିରେ କଜଳପାତି
ତୋ ଦେହଟା ସିନା କାଳିଆ ଅତି
କି ମୂଲ୍ୟ ବା କୁହ ରଙ୍ଗେ
ଆକାଶରେ ତୁ ଉଡିବୁଲୁ ନିତି
ଆହା କି ନିଆରା ଢଙ୍ଗେ ।

ଅନିଷ୍ଟକାରୀ ଯେତେ ପୋକ ଜୋକ
ଖାଉ ଉଡି ଉଡି ଆକାଶ ଯାକ
ଥଣ୍ଟରେ ନେଇ ଆହାର
ବସାରେ ତୋର କିଟି ଛୁଆଙ୍କୁ
ଦେଇ ବଢ଼ାଉ ଯତ୍ନର ।

ତୋ ବସା ପାଇଁ ତୁ ସତର୍କ ପ୍ରହରୀ
ଭଳି ଜଗିଥାଏ ଶତ୍ରୁଙ୍କୁ ତୋରି
କାଉ, ଚିଲ ବା ଛଞ୍ଚାଣ
ସମସ୍ତଙ୍କୁ ତୁ ନିର୍ଭୀକ ଭାବରେ
କରଉଟି ଆକ୍ରମଣ ।

ତୋହର ଅଦ୍ୟମ ସାହସ ପାଇଁ
ଦୁର୍ବଳ ପକ୍ଷୀଏ ତୋ ବସା ଠେଇଁ
କରନ୍ତି ବସା ନିଜର
ସମସ୍ତଙ୍କୁ ତୁ ସୁରକ୍ଷା ଯୋଗାଉ
ହୋଇଣ ନିଃସ୍ୱାର୍ଥପର ।

କହନ୍ତି ତୋତେ ଟି ପୁଲିସ ପକ୍ଷୀ
ସର୍ବଦା ତୋର ଶତ୍ରୁ ପ୍ରତି ଆଖି
ନିଜର ହେଉ ବା ପର
ଉପକାର କରିବା ପାଇଁକି ପରା
ସତ ତ ତୁହି ତତ୍ପର ।

ମନେ ରଖ ମୋ ଟିକି କୁନି କୁନା
ନିଜକୁ କେବେହେଁ ସାନ ମଣନା
ଥିଲେ ମନରେ ସାହସ
ସବୁ ବାଧା ବିଘ୍ନ ହେଇଯିବ ଦୂର
ଜୀବନ ହେବ ସରସ ।


+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨


# ଯୁବଗୋଷ୍ଠୀଙ୍କ ନିଃସଙ୍ଗ ଅନୁଭବତା ବା ଏମ୍ପ୍ଟି ନେଷ୍ଟ୍ ସିଣ୍ଡ୍ରୋମ୍

**ଡାକ୍ତର ସମ୍ରାଟ କର**

ମହାମାରୀ କୋଭିଡ଼-୧୯ର ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବ୍ୟାପୀ ବିଭିନ୍ନ ଦେଶରେ ଜାରି ହୋଇଥିବା ଲକ୍‌ଡାଉନ ପରି କଠୋର କଟକଣା ସବୁ ଧୀରେ ଧୀରେ ଅପସରିଯିବାରେ ଲାଗିଛି। ତେବେ ପରିତାପର ବିଷୟ, ଏପରିକି ସହରାଞ୍ଚଳ ମାନଙ୍କରେ ସ୍ୱାଭାବିକତା ଫେରିବାକୁ ଆରମ୍ଭ କରିଥିବାବେଳେ ଚଉପାଶର ପୃଥିବୀ ଆଉ ପୂର୍ବ ଭଳି ହସିଲା ପୂରିଲା ହୋଇ ରହିବ ନାହିଁ ବୋଲି ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବିଶେଷକରି ହୃତ ଦୈନନ୍ଦିନୀକୁ ପୁଣି ପୁନରୁଦ୍ଧାର କଲା ସମୟରେ ବର୍ତ୍ତମାନ ସାମାଜିକ ଦୂରତ୍ୱ ହିଁ ପ୍ରଥମ ଅନୁସୃତ ଅଭ୍ୟାସ ହୋଇଥିବାରୁ ଆଗଭଳି ଆଉ ସାଙ୍ଗସାଥୀଙ୍କ ସହ ତତ୍କାଳ ସ୍ୱତଃସ୍ଫୂର୍ତ୍ତ ଭାବେ କିଛି ଯୋଜନା କରିବାର ଅବସରକୁ ପ୍ରାୟ ସମସ୍ତେ ହରାଇ ବସିଛନ୍ତି। ଅଫିସ୍ ଫର ନାସନାଲ ଷ୍ଟାଟିଷ୍ଟିକ୍ସ ପକ୍ଷରୁ କରାଯାଇଥିବା ଏକ ସଦ୍ୟ ଗବେଷଣା ଅନୁଯାୟୀ ଏଇ କରୋନା ଭୂତାଣୁ ପାଇଁ ସେ ସବୁ ଦୃଷ୍ଟିରୁ ବୟସ୍କଙ୍କ ତୁଳନାରେ ଯୁବଗୋଷ୍ଠୀ ହିଁ ବେଶୀ ପ୍ରଭାବିତ ହୋଇଛନ୍ତି। ଏପରିକି କରୋନା ଭୂତାଣୁ ଜନିତ ଲକ୍‌ଡାଉନ୍ ବେଳେ ୧୬ରୁ ୨୪ ବର୍ଷ ବୟସ୍କଙ୍କ ଭିତରୁ ୫୦ ପ୍ରତିଶତରୁ ଅଧିକ ହିଁ ନିଃସଙ୍ଗତାବୋଧ ଅନୁଭବ କରିଥିବା ଜଣାଯାଇଛି। ଅପରପକ୍ଷେ ୫୫ରୁ ୬୯ ବର୍ଷ ବୟସ୍କଙ୍କ ମଧରୁ ମାତ୍ର ୨୪.୧ ପ୍ରତିଶତ ହିଁ ଏପରି ଅଭାବନୀୟ ଅନୁଭୂତି ଅଙ୍ଗେ ନିଭାଇଥିବା କୁହାଯାଇଛି। ଏହି ସର୍ବେକ୍ଷଣରେ ମୋଟ ୫୨୬୦ ଜଣଙ୍କୁ ଦୀର୍ଘକାଳୀନ ନିଃସଙ୍ଗତା ସମ୍ପର୍କରେ ପ୍ରଶ୍ନ ପଚରା ଯାଇଥିବା ବେଳେ ୨୪୪୦ ଜଣ କେବଳ ଲକ୍‌ଡାଉନ୍ ବେଳର ବିଗତ ସାତଦିନର ନିଃସଙ୍ଗତା ବିଷୟରେ ଉତ୍ତର ରଖିଥିଲେ। ଏପ୍ରିଲ ୩ରୁ ମେ ୩ ଭିତରେ ସଂଗୃହୀତ ଏହି ତଥ୍ୟରୁ ଆଉ ଏକ ରୋଚକ ନିଷ୍କର୍ଷ ମଧ ସାମ୍ନାକୁ ଆସିଛି। ଯୁବଗୋଷ୍ଠୀଙ୍କ ପରି ଅତିବରିଷ୍ଠ ନାଗରିକମାନେ ମଧ ଅନୁରୂପ ଅନୁଭୂତି ଦର୍ଶାଇଥିବା ଜଣାଯାଇଛି। ୭୦ବର୍ଷରୁ ବୟସ୍କ ଏହି ବୟୋଜ୍ୟେଷ୍ଠମାନଙ୍କ ଭିତରୁ ୫୦ ପ୍ରତିଶତ ହିଁ ଭୀଷଣ ଭାବରେ ନିଃସଙ୍ଗତା ସହ ଲଢୁଥିଲେ ବୋଲି କହିଛନ୍ତି। ତେବେ ସେମାନଙ୍କ କ୍ଷେତ୍ରରେ ନିଜର ଜୀବନସାଥୀଙ୍କୁ ହରାଇବାର ଦୁଃଖ ଏବଂ ନିଜ ପରିବାର ଠାରୁ ଦୂରରେ ରହିବାର ଯନ୍ତ୍ରଣା ହିଁ ସେମାନଙ୍କୁ ବେଶୀ ବିବ୍ରତ କରିଥିବା ଜଣାଯାଇଛି।

ସାଧାରଣତଃ ନିଜ ପିଲାମାନଙ୍କୁ ବାପା ମାଆମାନେ ଜୀବନ ଦେଇ ଭଲ ପାଇଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ସୃଷ୍ଟିଟିକୁ କେହି କେବେ କ'ଣ କିଛି ମୁହୂର୍ତ୍ତ ଛାଡ଼ି ରହିପାରିବ? ଏହା ତ ନିଶ୍ଚିତ କଥା। ଯେଉଁ ଘରେ ପିଲାଟିର କନ୍ଦାକଟା, ଧାଁ ଧଉଡ଼, ନୂଆ ପାଦ ପକାଇବାର ଅନୁଭବ, ଘର ସମସ୍ତଙ୍କ ସହିତ ମିଶି ସୁଖଦୁଃଖ ବାଣ୍ଟିବାର ଯେଉଁ ନୈସର୍ଗିକ ଅନୁଭବ ଦୟାନିଧି ମଉସା କ'ଣ ଏ ଦୁନିଆରେ କେହି ବାପାମାଆ ବି ନିଜ ପିଲାଙ୍କର ଏପରି ସ୍ମରଣୀୟ ଜିନିଷକୁ କେବେ ବି ଭୁଲି ପାରିବେନାହିଁ। ପିଲାମାନେ ବାହାରକୁ ଚାଲିଗଲା ପରେ ପାଖରେ ଥିଲାବେଳେ ଯେତେ ଗାଳି ମନ୍ଦ ସବୁକୁ ପଛରେ ପକାଇ ଦେଇ ଅତ୍ୟଧିକ କଷ୍ଟ ଓ ଯନ୍ତ୍ରଣା ବାପାମା ମାନେ ଅନୁଭବ କରନ୍ତି। ପିଲାମାନଙ୍କର ଅନୁପସ୍ଥିତିକୁ ଉପଲବ୍ଧି କରି କେତେକ ବାପାମା ଏପରି ଦୁଃଖିତ ହୋଇପଡ଼ନ୍ତି ଯେ ସେମାନେ ନିଜ ଚାକିରୀ କ୍ଷେତ୍ରକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରନ୍ତିନାହିଁ। କୌଣସି ମନୋରଞ୍ଜନ, ବନ୍ଧୁପରିଜନଙ୍କ ସହ ଗପସପ ସେମାନଙ୍କୁ ପିଲାମାନଙ୍କ ନିଃସଙ୍ଗତାକୁ ଭୁଲାଇବା ପାଇଁ ସକ୍ଷମ ହୋଇନଥାଏ। ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଅନେକ ରୋଗୀମାନଙ୍କୁ ଚିକିତ୍ସା କଲାବେଳେ ଏହି ଦିଗଟି ମୁଁ ଚିହ୍ନଟ କରି ପ୍ରାଥମିକ ଭାବେ ସେମାନଙ୍କୁ ସେମାନଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ଦୃଢ଼ୀଭୂତ କରିବାପାଇଁ ଆଶ୍ୱାସନା ଓ ପରାମର୍ଶ ଦେଇଥାଏ। ତେବେ ଯେଉଁ କ୍ଷେତ୍ରରେ ପିତାମାତା ମାନେ ମାତ୍ରାଧିକ ଭାବେ ଅବସାଦର ଶିକାର ହୁଅନ୍ତି ସେ ସ୍ଥାନରେ ଚିକିତ୍ସାର ଜରୁରୀ ଆବଶ୍ୟକତା ପଡ଼ିଥାଏ। ପ୍ରାଥମିକ ଅବସ୍ଥାରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ। ଚିକିତ୍ସାର ପ୍ରଥମ ମାର୍ଗ ହେଉଛି ସେମାନଙ୍କୁ କାଉନ୍‌ସେଲିଂ କରିବା ପରେ କିଛି ଔଷଧ ଦେବା ସହ କିଛି ଥେରାପି ଦିଆଯାଏ। ନିଃସଙ୍ଗ ଅନୁଭବ କରୁଥିବା ବାପାମାଆଙ୍କ ମାନସିକ ଅଧୈର୍ଯ୍ୟତାକୁ କେହି ସମାଲୋଚନା କରୁନାହିଁ ମୋ କହିବା କଥା ହେଉଛି ଭଙ୍ଗାଗଢ଼ା ଏ ଦୁନିଆ ଭିତରେ ପିଲାମାନେ ବଡ଼ ହେଲେ ନିଶ୍ଚିତ ଭାବରେ ବାହାରକୁ ଯିବେ ସେମାନଙ୍କର ପାଠପଢ଼ା ହେଉ ବା ଚାକିରୀ କ୍ଷେତ୍ର, ସଂସାର କଲାପରେ ଦୁଇଜଣ କର୍ମଜୀବୀ ହୋଇଥିଲେ ତାହାଲେ ତ ସେମାନେ ଘର ଛାଡ଼ିବା ପାଇଁ ପ୍ରକାରାନ୍ତରେ ବାଧ ହୋଇଥାନ୍ତି। ତେବେ ନିଃସଙ୍ଗ ଅନୁଭବ କରୁଥିବା ବା ଏମ୍ପଟି ନେଷ୍ଟ ସିଣ୍ଡ୍ରୋମର ଶିକାର ହେଉଥିବା ବାପାମାଆମାନେ ପିଲାମାନଙ୍କର ନିଃସଙ୍ଗତାକୁ ଭାବି ଭାବି ସମୟ ଓ ଶକ୍ତିର ଅପଚୟ କରିବା ଅପେକ୍ଷା ସେହି ସମୟକୁ ବିଭିନ୍ନ ମହତ୍, ସୃଜନଶୀଳ, ଚିନ୍ତାଶୀଳ ବା ଜ୍ଞାନ ଗର୍ଭକ କାମରେ ଲଗାଇଲେ ଖୁବ୍ ଭଲ ହେବ। ଓଡ଼ିଆରେ ଏକ କଥା ଅଛି 'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି'। ତେଣୁ ପିଲାମାନଙ୍କର ଏକାକିତ୍ୱକୁ ଦୁଃଖଦ ଅନୁଭବ କରି ନିଜେ କ୍ଷତବିକ୍ଷତ ହେବା ସହ ନିଜ ଶରୀରକୁ ମଧ ଆପଣ କଷ୍ଟ ଦେଉଛନ୍ତି ଏହା ଭୁଲନ୍ତୁ ନାହିଁ। ପିଲାମାନେ ଦୂରରେ ରହୁଥିଲେ ମଧ ଆଜିର ସମୟରେ ଫେସ୍‌ବୁକ୍, ୱାଟସପ୍, ଭିଡ଼ିଓ କଲିଂ ଓ ମୋବାଇଲ ଚାଟିଂ ପରି କେତେ କ'ଣ ବ୍ୟବସ୍ଥା ଆଗେଇ ଗଲାଣି। କହିବାକୁଗଲେ ପିଲାମାନେ ଆପଣଙ୍କ ହାତ ପାଖରେ ହିଁ ରହିଛନ୍ତି କହିଲେ ଭୁଲ ହେବନାହିଁ। ବରଂ ପିଲାମାନଙ୍କ ସହିତ ଏହିପରି ବାଟରେ ନିୟମିତ ଯୋଗାଯୋଗ ରଖନ୍ତୁ। ଗୋଟିଏ ଭଲ ନିତିଦିନିଆ ଜୀବନର ରୁଟିନ୍‌ଟିଏ ତିଆରି କରନ୍ତୁ। ଯେପରି ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ କରନ୍ତୁ, ନିତ୍ୟକର୍ମ ସାରି ପ୍ରାଣାୟମ ବା ଯୋଗ ବା ପ୍ରାତଃ ଭ୍ରମଣ କରନ୍ତୁ, ଠାକୁର ପୂଜା କରନ୍ତୁ, ଘର ପାଖରେ ସ୍ଥାନ ଥିଲେ ବଗିଚାରେ କିଛି ବୃକ୍ଷଲତା ଲଗାନ୍ତୁ, ବନ୍ଧୁବର୍ଗ ବା ଆତ୍ମୀୟ ସ୍ୱଜନଙ୍କ ସହ ଭଲ ସମ୍ପର୍କ ବଢ଼ାଇ ସମୟ ବିତାଇ ଦିଅନ୍ତୁ। ନିଜର କୌଣସି ସୃଜନଶୀଳତା ଥିଲେ ସେ ପ୍ରତିଭାକୁ ଆଗକୁ ଆଣନ୍ତୁ। ସେଥିପାଇଁ କିଛି ସମୟ ଦିଅନ୍ତୁ। ନିଜକୁ କିପରି ସର୍ବଦା ବ୍ୟସ୍ତ ରଖିବେ ତାହା ପାଇଁ ଏକ ଗାଇଡ଼ ତିଆରି କରନ୍ତୁ। ପିଲାମାନେ ଯେଉଁଠି ରହୁଛନ୍ତି ତାଙ୍କ ପାଖକୁ ନିୟମିତ ଭାବରେ କିଛି ସମୟ ଯାଇ କିଛି ସମୟ କାଟନ୍ତୁ। ଆପଣ ମନେରଖନ୍ତୁ ପିଲାଟିର ଉତ୍ତମ ଭବିଷ୍ୟତ ଓ ଏକ ସ୍ୱର୍ଣ୍ଣିମ ଆଗାମୀ ଜୀବନ ପାଇଁ ପିଲାଟି ବାହାରେ ପାଠପଢ଼ା ବା କାମଧନ୍ଦାରେ ବ୍ୟସ୍ତ ରହୁଛନ୍ତି। ଏ କଥାକୁ ଆପଣମାନେ କେବେ ଭୁଲନ୍ତୁ ନାହିଁ। ଆପଣଙ୍କର ଉଚିତ ଓ ସଠିକ୍ ସଂସ୍କାର ସେମାନଙ୍କୁ ନିଶ୍ଚିନ୍ତ ଭାବରେ ଭଲ ରାସ୍ତାରେ ଗଢ଼ାଇ ନେବ ବୋଲି ବିଶ୍ୱାସ ରଖନ୍ତୁ। ପଡ଼ୋଶୀମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖି ସେମାନଙ୍କ ପରିବାରର ଜଣେ ସଦସ୍ୟ ବୋଲି ନିଜେ ଅନୁଭବ କରି ନିଜ ପରିବାରର ସଦସ୍ୟ ଭାବେ ସେମାନଙ୍କୁ ବି ଗ୍ରହଣ କରନ୍ତୁ। ଦେଖିବେ ଆପଣଙ୍କ ଭିତରେ ଏହି ନିଃସଙ୍ଗତା କୁଆଡ଼େ ଦୂରେଇ ଯିବ। ହଁ, ଗୋଟିଏ କଥା ମନେରଖନ୍ତୁ ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ମାନସିକ ଅବସାଦ ପାଇ ବା ଉତ୍ତମ ନିଦ୍ରା ପାଇଁ କିମ୍ବା ଟେନ୍‌ସନ ପାଇଁ ମନେ ମନେ କୌଣସି ପେନ୍‌କିଲର ବା ନିଦ୍ରା ବଟିକା ଖାଆନ୍ତୁ ନାହିଁ ଏହା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ପିଲାମାନଙ୍କ ନିଃସଙ୍ଗତାକୁ ଅନୁଭବ ନକରି ବରଂ ଅନୁଭବ କରନ୍ତୁ ସେମାନଙ୍କର ପ୍ରତିଟି ସ୍ମରଣୀୟ ମୁହୂର୍ତ୍ତ ଯେପରି ଆପଣଙ୍କ ସହିତ ରହିଛି। ସତେଯେପରି ଆପଣଙ୍କ ପିଲାମାନେ ଆପଣଙ୍କ ପାଖରେ ଅଛନ୍ତି କେହି କୁଆଡ଼ୁକୁ ବି ଯାଇନାହାଁନ୍ତି। ଭଗବତ ଶକ୍ତି, ଦୈବ ଆଶୀର୍ବାଦ ଓ ପିଲାମାନଙ୍କ ସ୍ନେହ ଓ ଭଲପାଇବାର ଅନାବିଳ ଜିନିଷ ଆପଣଙ୍କ ନିଃସଙ୍ଗତା ଜୀବନ ପାଇଁ ଅମୂଲ୍ୟ ମହୌଷଧି।


+ ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩


# କାହିଁକି ନରିମାନ ହାଉସ ଉପରେ ହେଲା ଆତଙ୍କବାଦୀ ଆକ୍ରମଣ ?

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**



୨୦୦୮ ମସିହା ନଭେମ୍ବର ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ପାକିସ୍ଥାନର ଲାସକର-ଇ-ତୋବା ନାମକ ଆତଙ୍କ ବାଦୀ ସଂଗଠନର ଦଶ ଜଣ ଆତଙ୍କ ବାଦୀ ଜଳ ପଥରେ ମୁମ୍ବାଇ ମହାନଗରୀର କୋଲାବା-କଫ ପାରେଡ ଉପକୂଳରେ ଓହ୍ଲାଇ ମହାନଗରୀର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ତାଜ ହେରିଟଜ ହୋଟେଲ, ଲିଓପୋଲଡ କେଫ ଓବରାଇ ଟ୍ରାଇଡେଂଟ ହୋଟେଲ, ଛତ୍ରପତି ରେଲ ଟର୍ମିନାଲ ଓ କାମା ହସପିଟାଲରେ ଆଖିବୁଜା ଗୁଳି ଚାଳନା କରି ୧୭୫ ଜଣ ଲୋକଙ୍କୁ ମାରିଦେଲେ ଓ ଶହ ଶହଙ୍କୁ ଆହତ କଲେ । ଶେଷରେ ଭାରତୀୟ ସୁରକ୍ଷାକର୍ମୀଙ୍କ ଦ୍ୱାରା ଅପରେସନ ବ୍ଲାକ ଟର୍ଣେଡୋ ଅଭିଯାନରେ୯ ଜଣ ଆତଙ୍କବାଦୀ ନିହତ ହେଲେ ଓ ଜଣେ ଆଜମଲ କାସାବ ଜୀବନ୍ତ ଧରା ପଡିଲା। ୧୯୯୨ ମସିହା ଠାରୁ ମୁମ୍ବାଇ ମହାନଗରୀ ଉପରେ ବାରମ୍ବାର ଇସଲାମିକ ଆତଙ୍କବାଦୀ ମାନେ ଆକ୍ରମଣ କରିଛନ୍ତି । ସେଥିମଧ୍ୟରୁ ୧୯୯୩ ମସିହାରେ ମୁମ୍ବାଇର ଏକକାଳିନ ୧୩ ଟି ଯାଗାରେ ବମ ବିସ୍ଫୋରଣ ହୋଇ ପ୍ରାୟ୨୭୫ ବ୍ୟକ୍ତି ମରିଥିଲେ । ୧୯୯୨ ମସିହା ଡିସେମ୍ବର ୬ ତାରିଖ ଅଯୋଧ୍ୟା ଠାରେ ବାବରି ମସଜିଦ ଭଙ୍ଗା ହେଲା ପରେ ସାରା ଦେଶରେ ଏହି ଆକ୍ରମଣ ବୃଦ୍ଧି ପାଇଛି । ପାକିସ୍ତାନ ହୋଇଯାଇଛି ଆତଙ୍କବାଦର ଏକ୍ସୁଡିଶାଳ । ଦିଲ୍ଲୀର ପାର୍ଲିଆମେଂଟ ଭବନ, ଅହମଦାବାଦର ଅକ୍ଷରଧାମ ମନ୍ଦିର, କାଶିର ସଂକଟ ମୋଚନ ମନ୍ଦିର, ବୁଦ୍ଧ ଗୟା ମନ୍ଦିର, ସମଝାଦା ଏକ୍ସପ୍ରେସ ରେଲ ଗାଡି ଆଦି ଆକ୍ରମଣର ଶିକାର ହୋଇଛନ୍ତି।

ଏହି ଆକ୍ରମଣ ବେଳେ ଦୁଇଜଣ ଆତଙ୍କବାଦୀ କୋଲାବା ଅଂଚଳର ନରିମାନ ହାଉସ ନାମକ ଏକ ଅଖ୍ୟାତ ଘର ଉପରେ ଆକ୍ରମଣ କରିଥିଲେ । ଏଭଳି ଏକ ଘର ଅଛି ବୋଲି ମୁମ୍ବାଇର ଅନେକ ଲୋକ ଜାଣି ନଥିଲେ । ମାତ୍ରଏ ସ୍ଥାନକୁ ଆକ୍ରମଣ କରିବା ପାଇଁ ଆତଙ୍କ ବାଦୀଙ୍କ ନେତା ଜାକରା ରେହମନ ଲାଖନି ପ୍ରାଥମିକତା ଦେଇଥିଲେ । କାରଣ ଏହି ଘରେ ଅନେକ ରକ୍ଷଣଶୀଳ ଇହୁଦୀ ଓ ମୁସଲମାନ ଜଗତର ଚିର ଶତ୍ରୁ ଇସ୍ରାଏଲ ର ନାଗରୀକ ମାନେ ରହୁଥିଲେ ।"If u kill one Jew it will be equal 50 other kill"। ଏହା ଆତଙ୍କବାଦୀ ମାନଙ୍କୁ ପ୍ରଶିକ୍ଷଣ ବେଳେ କୁହାଯାଇ ଥିଲା। ବିଶ୍ୱର ଯେଉଁଠି ଥାଆନ୍ତୁ ନା, ଇହୁଦି ମାନଙ୍କୁ ଖୋଜି ହତ୍ୟା କଲେ ଆଲ୍ଲା ଖୁସି ହେବେ ବୋଲି ପ୍ରତ୍ୟେକ ମୁସଲମାନକୁ ପିଲାବେଳୁ ଶିକ୍ଷା ଦିଆଯାଏ ୨୪ ତାରିଖ ଦିନ କରାଚି ଉପକୂଳ ରୁ ଆତଙ୍କ ବାଦୀ ମାନେ ଯାତ୍ରା ଆରମ୍ଭ କଲେ । ଆରବ ସାଗର ରେ ଆସିଲା ବେଳେ ସେମାନେ ଗୋଟିଏ ଭାରତୀୟ ଟ୍ରଲରକୁ ଅଧିକାର କଲେ । ତାହାର ଚାରିଜଣ ନାବିକଙ୍କୁ ମାରି ସମୁଦ୍ରକୁ ଫୋପାଡି ଦେଲେ । ଟ୍ରଲରର କ୍ୟାପ୍ଟେନ ଅମର ସିଂ ଶୋଲାଙ୍କିଙ୍କୁ ବନ୍ଧୁକ ମୁନରେ ୫୫୦ କିମ ଦୂରରେ ଥିବା ମୁମ୍ବାଇ ଉପକୂଳକୁ ନେବାକୁ ବାଧ୍ୟ କଲେ। କୂଳ ଆସିଯିବା ପରେ ପାକିସ୍ଥାନରୁ ନିର୍ଦ୍ଦେଶ ଆସିଲା,"U ate four goats, also eat this one" ଏଥିସହ ଯେପରି ଆକ୍ରମଣ ସଫଳ ହୁଏ, ତାହା ତାଙ୍କୁ କୁହାଗଲା । ଶତ୍ରୁ ମନରେ ଭୟ ସୃଷ୍ଟି ଓ ବିଶ୍ୱ ଜନମତକୁ ଆକର୍ଷଣ ହିଁ ଆକ୍ରମଣର ଲକ୍ଷ୍ୟ। ଏଭଳି ଭୟ ସୃଷ୍ଟିକର ଯେ ଶତ୍ରୁ ସବୁଦିନେ ମନେ ରଖିବ, ଥରି ଉଠିବ । ଆତ୍ମସମର୍ପଣର ପ୍ରଶ୍ନ ନାହିଁ । ମାର ଏବଂ ମର । ଉପରେ ତୁମ ମାନଙ୍କ ପାଇଁ ଜଣ ପିଛା ୭୫ ଜଣ ସୁନ୍ଦରୀ ଅକ୍ଷତ କୁମାରୀ ଉପଭୋଗ ପାଇଁ ଆଲ୍ଲା ସାଇତି ରଖିଛନ୍ତି। "Go and enjoy!"

ଟ୍ରଲରର କ୍ୟାପ୍ଟେନଙ୍କୁ ନିର୍ମମ ଭାବରେ ଗଳା କାଟି ଟ୍ରଲର ତଳେ ପକାଇ ଦିଆଗଲା । ଏକ ରବର ବୋଟରେ(ଡିଙ୍ଗି) ପିଠିରେ ବଡବଡ ବ୍ୟାକ ପେକ ପକାଇ କଫ ପାରେଡ ଉପକୂଳରେ ଓହ୍ଲାଇଥିଲେ । ଏହି ସ୍ଥାନ ହେଉଛି ଆମ୍ବାନି ପରିବାର ଓ ଚିତ୍ରକର ଏମ.ଏଫ୍ ହୁସେନଙ୍କ ବାସସ୍ଥାନ । ସମୁଦାୟ ୧୦ ଜଣ ଆତଙ୍କବାଦୀ ଇସମାଇଲ ଖାଁ ର ନେତୃତ୍ୱରେ ଓହ୍ଲାଇ ପଡିଲେ । ସେମାନଙ୍କ ମଧ୍ୟରୁ ବାବର ଓ ନାସିରକୁ ନରିମାନ ହାଉସ ବା ଇହୁଦି ମାନଙ୍କର ଚାବଦା ହାଉସ କୁ ଆକ୍ରମଣ ଦାୟିତ୍ୱ ଦିଆଗଲା ଓ କୁହାଗଲା, "ଅନ୍ୟ ଯାଗାରେ ଯାହାହେଉ ନରିମାନ ହାଉସ ରେ ଯେପରି ଆକ୍ରମଣ ସଫଳ ହୁଏ ତାହା ତାଙ୍କର ମୁଖ୍ୟ ଚାହାଁନ୍ତି ।"

ଭାରତରକୁ ଇହୁଦୀ ମାନଙ୍କର ଆଗମନ ଦୁଇ ହଜାର ବର୍ଷ ତଳର ଘଟଣା । ଏକ ଜାହାଜ ବୁଡି ଯିବାରୁ ସେମାନେ ଏଠାରେ ରହି ଗଲେ । ସେମାନଙ୍କୁ ବାନି ଇହୁଦି କୁହାଯାଏ । ସାରା ବିଶ୍ୱରେ ସେମାନଙ୍କ ଉପରେ ବିଭିନ୍ନ ସମୟରେ ଅତ୍ୟାଚାର ହେଲେ ମଧ୍ୟ ଭାରତରେ ସେମାନେ ଶାନ୍ତିରେ ଥିଲେ । ନରିମାନ ହାଉସ ଏକ ପାଂଚ ମହଲା କୋଠାଘର । ଏଠାରେ କେତେକ ଇହୁଦି ପରିବାର ରହୁଥିଲେ। । ଏକ ମୁସଲମାନ ବହୁଳ ଅଂଚଳରେ ଥିଲେ ମଧ୍ୟ ସେମାନଙ୍କର ସାଂପ୍ରଦାୟିକ ବିଦ୍ୱେଷ ନଥିଲା । ଏଠାରେ ଆମେରିକାନ ରକ୍ଷଣଶିଳ "Chabsd Lubavitks Moict" ଇହୁଦି ସଂସ୍ଥାର ଏବଂ ଚାବାଦ କେନ୍ଦ୍ର, ରାବି ଗାବ୍ରିଏଲ ହୋଲିଜବର୍ଗ ଓ ତାଙ୍କ ସ୍ତ୍ରୀ ରିବକାଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଏଠାରେ ଏକ ସିନାଗଗ "Synagogue" ବା ଇହୁଦି ଉପାସନା କେନ୍ଦ୍ର ଥିଲା । ବିଦେଶରୁ ଇହୁଦୀ ମାନେ ଆସିଲେ ସେଠାରେ ରହୁଥିଲେ । ରାତ୍ରୀ ୧୦ଟା ନଭେମ୍ବର ୨୬ । ସେଦିନ କ୍ରିକେଟ ମ୍ୟାଚ ଥିବାରୁ ଲୋକେ ଘରେ ଥାଆନ୍ତି । ରାସ୍ତା ଶୁନଶାନ ଥିଲା । ଅନ୍ୟ ଆତଙ୍କ ବାଦୀମାନେ ସେମାନଙ୍କ କାର୍ଯ୍ୟକଳାପ ଆରମ୍ଭ କରିଦେଲେଣି । ବିସ୍ଫୋରଣରେ ସହର ଥରୁ ଥାଏ । ଦୁଇଜଣ ଆତଙ୍କବାଦୀ ବାବର ଓ ନାସିର ଚାଲି ଚାଲି ନରିମାନ ହାଉସକୁ ଯାଉଥିବାର ଅନେକ ମନେ ପକାନ୍ତି । ବାଟ ଘାଟ ଯେପରି ସେମାନଙ୍କୁ ବେଶ ଜଣା ଥିଲା । ହଠାତ ସେମାନେ ପାଖରେ ଥିବା ଗୋଟିଏ ପେଟ୍ରୋଲ ପମ୍ପ ଉପରକୁ ବମ ଟାଏ ଫିଙ୍ଗିଦେଲେ । ପ୍ରଚଣ୍ଡ ବିସ୍ଫୋରଣରେ ଚାରିଆଡ ଥରି ଉଠିଲା । ବାବର ଓ ନାସିର ନାରିମାନ ହାଉସରେ ପହଂଚି ବନ୍ଧୁକ ଚାଳନା ଆରମ୍ଭ କରିଦେଲେ । ଦୁଇଜଣ ଇହୁଦି ମରିଗଲେ। ଏହାପରେ ରାବି ହୋଲିଜବର୍ଗ ଓ ତାଙ୍କ ସ୍ତ୍ରୀ ରେବିକା ଆଗକୁ ଆସିଲେ । ସେମାନେ "ସୁଟ ମି ସୁଟ ମି" କହୁକହୁ ଆତଙ୍କ ବାଦୀଙ୍କ ଗୁଳିରେ ତଳେ ପଡିଗଲେ୍। ଏହା ପରେ ଆତଙ୍କ ବାଦି ମାନେ ଆଉ ଦୁଇ ଜଣ ଇହୁଦି ୫୫ ବର୍ଷ ର ନର୍ମା ରାବି ନୋଭିଟସ ଓ ୬୬ ବର୍ଷର ଗାହେଭେଡ ଓରିଜ ନାମରେ ଦୁଇଜଣ ଙ୍କୁ ପଣବନ୍ଦୀ ରୁପେ ରଖିଲେ । ସେତେବେଳକୁ ଅନ୍ୟ ଆତଙ୍କବାଦୀ ମାନେ ସୁରକ୍ଷାକର୍ମୀଙ୍କ ଗୁଳିରେ ମରି ଗଲେଣି । କାସାବ କୁ ପୋଲିସ ଜିଅନ୍ତା ଧରି ସାରିଥାଏ । ପଣବନ୍ଦୀରେ ଥିବା ଦୁଇଜଣଙ୍କୁ ବଦଳାଇ କାସାବର ମୁକ୍ତି ପାଇଁ ପାକିସ୍ତାନରେ ଥିବା ମୁଖ୍ୟ ମାନେ ଚେଷ୍ଟା କଲେ । ଇସ୍ରାଏଲକୁମଧ୍ୟ ଦାବି ଜଣାଇଲେ । ମାତ୍ର ଶେଷ ପର୍ଯ୍ୟନ୍ତ ସରକାରଙ୍କ ଠାରୁ କୌଣସି ଉତର ନ ଆସିବାରୁ ପଣବନ୍ଦୀ ମାନଙ୍କୁ ହତ୍ୟା କରିବା ପାଇଁ ପାକିସ୍ତାନରୁ ଆଦେଶ ଆସିଲା । ସାଙ୍ଗେ ସାଙ୍ଗେ ସେମାନଙ୍କୁ ମାରି ଦିଆଗଲା । ରାବିଙ୍କର ଛୋଟ ଝିଅ ମୋଷେ ଓ ତା ଧାଈ ଏ ଗଣହତ୍ୟାରୁ ବଂଚିଗଲେ । ପଣବନ୍ଦୀ ଗୁଳି କରିବାର ଅଳ୍ପ ସମୟ ପରେ ଭାରତୀୟ ସେନା ନରିମାନ ହାଉସର ଛାତ ଉପରେ ଆକାଶରୁ ଓହ୍ଲାଇଲେ । ସେତେବେଳକୁ ଆତଙ୍କବାଦୀ ମାନେ ବାଲକୋନିରୁ ସାଧାରଣ ଦର୍ଶକଙ୍କ ଉପରକୁ ଗୁଳି ଚାଳନା କରୁଥାଆନ୍ତି । ଅଳ୍ପ ସମୟ ପରେ ଭାରତୀୟ ସୈନ୍ୟଙ୍କ ଗୁଳି ତାଙ୍କ ଦେହରେ ବାଜିଲା । ମୃତ୍ୟୁ ପୂର୍ବରୁ ତାଙ୍କର ନେତାକୁ କହୁଥିବାର ଶୁଣାଗଲା, "ଆମ ପାଇଁ ଆଲ୍ଲାଙ୍କୁ ପ୍ରାର୍ଥନା କର!" ସେତେବେଳକୁ ସୈନ୍ୟ ମାନେ ଭିତରକୁ ପଶିଆସିଲେଣି ।


+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

# ପାଉଁଶରୁ ଭୂକମ୍ପରୋଧୀ କଂକ୍ରିଟ





ଅଷ୍ଟ୍ରେଲିଆର ସ୍ୱିନ୍‌ବର୍ଗ ୟୁନିଭର୍ସିଟିର ବୈଜ୍ଞାନିକମାନେ ପରିବେଶ ଅନୁକୂଳ ମୋଡ଼ି ହେଉଥିବା କଂକ୍ରିଟ ନିର୍ମାଣ କରିଛନ୍ତି, ଯାହା ଭୂକମ୍ପ ପ୍ରଭାବରେ ଧ୍ୱଂସ ହେବାରୁ ଅଟ୍ଟାଳିକାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ । ଅଟ୍ଟାଳିକାରେ ସୃଷ୍ଟ ଫାଟରୁ ମଧ୍ୟ ରକ୍ଷା କରିବ । ଗବେଷକମାନେ କୋଇଲା ପାଉଁଶରୁ ଏହି ଉପକରଣ ନିର୍ମାଣ କରିଛନ୍ତି । କୋଇଲାଚାଳିତ ପାୱାରର ଷ୍ଟେସନ୍‌ରୁ ସେମାନେ ପାଉଁଶ ସଂଗ୍ରହ କରି ତାକୁ କଂକ୍ରିଟରେ ରୂପାନ୍ତରିତ କରିଛନ୍ତି । ଜାପାନ, ନ୍ୟୁଜିଲ୍ୟାଣ୍ଡ ଭଳି ଭୂକମ୍ପପ୍ରବଣ ଦେଶ ପାଇଁ ଏହି କଂକ୍ରିଟ ଉପଯୁକ୍ତ । ଏଠାରେ ପ୍ରାୟ ସବୁଦିନ ଲୋକେ ଛୋଟ ବଡ଼ ଭୂକମ୍ପ ସାମ୍ନା କରନ୍ତି । ଗବେଷକମାନେ କ୍ୱିନ୍‌ସଲ୍ୟାଣ୍ଡ ସ୍ଥିତ ଗ୍ଲାଡଷ୍ଟୋନ୍ ଥର୍ମାଲ୍ ପାୱାର ଷ୍ଟେସନରୁ ଉପଲବ୍ଧ ପାଉଁଶରୁ ପ୍ରସ୍ତୁତ କଂକ୍ରିଟ ଭାରି ଓଜନ ଦ୍ୱାରା ବଙ୍କା ହେବାର ଭିଡିଓ ଜାରି କରିଛନ୍ତି । ଏହାକୁ 'ଇଞ୍ଜିନିୟର୍ଡ ଜିଓପଲିମର କମ୍ପୋଜିଟ୍' ଭାବେ ସମ୍ବୋଧନ କରାଯାଇଛି । ପ୍ରୟୋଗଶାଳାରେ କରାଯାଇଥିବା ପରୀକ୍ଷାରେ ଫଳାଫଳ ଅନୁସାରେ, ସାଧାରଣ କଂକ୍ରିଟ ଅପେକ୍ଷା ଏହି ନୂଆ କଂକ୍ରିଟ ପ୍ରାୟ ୪୦୦ ଗୁଣ ଅଧିକ ବଙ୍କା ହୋଇପାରିବ । ଏହାର ସାମର୍ଥ୍ୟ ସାଧାରଣ କଂକ୍ରିଟ ଭଳି ବୋଲି ମେଲବର୍ନ ସ୍ଥିତ ସ୍ୱିନ୍‌ବର୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ସାଇନ୍ସ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଗବେଷକ ବେହଜାଡ୍ ନେମାଟୋଲ୍ଲାହି କହିଛନ୍ତି । ଅଟ୍ଟାଳିକା, ପୋଲ ଓ ସୁଡ଼ଙ୍ଗ ଆଦି ନିର୍ମାଣ କ୍ଷେତ୍ରରେ ଏହି କଂକ୍ରିଟ ବିଶେଷ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବ । ପାରମ୍ପରିକ କଂକ୍ରିଟ କେବଳ ପ୍ରସାରିତ କିମ୍ବା ବଙ୍କା ହେବା ଦ୍ୱାରା ନଷ୍ଟ ହୋଇଯାଏ ତାହା ନୁହେଁ, ବରଂ ପ୍ରଚୁର ଅଙ୍ଗାରକାମ୍ଳ ମଧ୍ୟ ଉତ୍ପନ୍ନ କରେ । କାରଣ ସିମେଣ୍ଟ ପ୍ରସ୍ତୁତିରେ ଉଚ୍ଚ ତାପମାତ୍ରାରେ ଚୂନପଥର ଗରମ କରିବାକୁ ପଡ଼େ, ଯାହା ଅଙ୍ଗାରକାମ୍ଳ ଉତ୍ପନ୍ନ କରେ । ତେଣୁ ଏହି ପ୍ରକ୍ରିୟାରେ ଉଦ୍ୟୋଗମାନଙ୍କରୁ ନିର୍ଗତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ଯଥେଷ୍ଟ ନିର୍ଗତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ଯଥେଷ୍ଟ ବେଶି ସ୍ଥାୟିତ୍ୱର ପ୍ରମାଣ ମିଳିଛି ବୋଲି ଗବେଷକମାନେ କହିଛନ୍ତି । ସେମାନେ କ୍ୱିନ୍ସଲ୍ୟାଣ୍ଡର ଗ୍ଲାଡଷ୍ଟୋନ୍ ପାୱାର ଷ୍ଟେସନରୁ ନିର୍ଗତ ନିମ୍ନ କ୍ୟାଲସିୟମ୍‌ଯୁକ୍ତ କୋଇଲା ପାଉଁଶ ବ୍ୟବହାର କରିଥିଲେ । ଏଥିସହ ଦୁଇ ପ୍ରକାର ମୂଳ ଧାତୁ- ଦ୍ରବୀଭୂତ ଓ ୱେଲଡିଂରେ ବ୍ୟବହୃତ ଏକ କାଚ ଭଳି ଉତ୍ପାଦ ବ୍ୟବହାର କରିଥିଲେ । ଅନ୍ୟ ନମନୀୟ କଂକ୍ରିଟ ଉତ୍ପାଦନ ପଦ୍ଧତି ତୁଳନାରେ ମୋଡ଼ି ହେଉଥିବା କଂକ୍ରିଟ ନିର୍ମାଣରେ ୩୬ ପ୍ରତିଶତ କମ୍ ଶକ୍ତି ଏବଂ ୭୬ ପ୍ରତିଶତ କମ୍ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ ।

# ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗାସନ



ସର୍ବାଙ୍ଗାସନ ଏପରି ଗୋଟିଏ ଆସନ ଯାହାର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି । ଏହି ଆସନରେ ପୁରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ । ଏହାକୁ କରିବାକୁ ହେଲେ ପ୍ରଥମେ ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ । ଦୁଇ ଗୋଡ଼କୁ ୯୦ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ । ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ । ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ । ଏପରି ଉଠାଇବେ ଯେପରି ଶରୀରର ସମସ୍ତ ଭାର କାନ୍ଧ ଉପରେ ରହିବ । ଧ୍ୟାନ ଦେବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ । ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ । ଏହି ଆସନରେ ଦୁଇରୁ ତିନି ମିନିଟ ପର୍ଯ୍ୟନ୍ତ ରୁହନ୍ତୁ । କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରେ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୂରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ । ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଶକ୍ତି ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେ ହୁଏ । ଥାଇରଏଡ୍ ସମସ୍ୟା ଦୂର ହୁଏ । କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ । ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ ।

# ସୁରକ୍ଷା ପାଇଁ ହେଲ୍‌ମେଟ୍ !

'କୋଭିଡ୍ ୧୯'ର ଉତ୍ପାଦ ଆରମ୍ଭ ହେବାର ଯଥେଷ୍ଟ ନିର୍ମାତା-ନିର୍ଦ୍ଦେଶକ ସତରାମ ରମାନୀ 'ହେଲ୍‌ମେଟ୍' ନାମକ ହାସ୍ୟରସାତ୍ମକ ଚଳଚ୍ଚିତ୍ରର ସୁଟିଂ ଆରମ୍ଭ କରିଥିଲେ । ଏହି ଫିଲ୍ମର ସୁଟିଂ ସରିଯାଇଛି । ତେବେ, ପ୍ରେକ୍ଷାଳୟ ଖୋଲିବା ଜନିତ ସଂକଟ କାରଣରୁ ମୁକ୍ତିଲାଭ ତାରିଖ ଚୂଡ଼ାନ୍ତ ହୋଇପାରୁନାହିଁ । ଫିଲ୍ମର କାହାଣୀ ବାବଦରେ ଯଦିଓ ସବୁକିଛି ଗୁପ୍ତ ରଖାଯାଇଛି, ତେବେ ଯାହା ଏ ପର୍ଯ୍ୟନ୍ତ ଜଣାପଡ଼ିଛି, ଏହା ମାଧ୍ୟମରେ ସଂଭବତଃ କୌଣସି ସୁରକ୍ଷା ସଂପର୍କିତ ସଚେତନତା ବାର୍ତ୍ତାର ପ୍ରଚାର ହେବ । ସୁରକ୍ଷା ସଚେତନତା ବାର୍ତ୍ତାଟି ବୋଧହୁଏ ଯୌନ-ମିଳନ ସଂପର୍କିତ । ତେଣୁ, ଫିଲ୍ମର ନାମ 'ହେଲ୍‌ମେଟ୍' ରଖାଯାଇଛି । 'ହେଲ୍‌ମେଟ୍' ଏକ ଦୁଇ ଅର୍ଥ ବୋଧକ ଶବ୍ଦ । ଆମ ଦେଶରେ ଅନେକ 'କଣ୍ଡୋମ୍'କୁ 'ହେଲ୍‌ମେଟ୍' କହନ୍ତି । ତେବେ, ସେ ଯାହା ହେଉ କରୋନା ସଂକ୍ରମଣର ଭୟାବହତାକୁ ଆଖିରେ ରଖି ଏଥିରେ ଶେଷ ମୁହୂର୍ତ୍ତରେ କିଛି ମସଲା ମଧ୍ୟ ଭର୍ତ୍ତିକରାଯାଇଛି । ଯଥା- ଏକ ଅନ୍ତରଙ୍ଗ ଦୃଶ୍ୟରେ ନାୟକ ଓ ନାୟିକାଙ୍କ ମୁଖରେ ଡବଲ୍ ମାସ୍‌କ ବା ଦୁଇ-ଥାକିଆ ମୁଖା, ଦର୍ଶକେ ଦେଖିବେ । ଫିଲ୍ମଟି ମୁକ୍ତିଲାଭ କଲେ ଯୁବ-ପିଢ଼ିକୁ ବିଶେଷ ଆକର୍ଷିତ କରିବା ବାବଦରେ ନିର୍ଦ୍ଦେଶକ ଆଶାବାଦୀ । ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପ୍ରାନୂତନ ବହଲଙ୍କ ସହ ଅପରଶକ୍ତି ଖୁରାନା ।

# ଏକାବେଳେ ୬ ମାସ୍କ ପିନ୍ଧିଲେ ଡାକ୍ତର



କରୋନା ମହାମାରୀର ଏହି ସମୟରେ ମାସ୍କ ପିନ୍ଧିବା ବାଧ୍ୟବାଧକତା ନୁହେଁ, ଆବଶ୍ୟକତା । ଏହି ରୋଗ ପାଇଁ କୌଣସି ଟିକା ବାହାରିନଥିବାରୁ ସଂକ୍ରମଣରୁ ରକ୍ଷା କରିବାରେ ମାସ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଅନେକ ଲୋକ ମାସ୍କ ପିନ୍ଧିଲେ ରୁଦ୍ଧି ହେଉଯାଉଥିବା ଅଭିଯୋଗ କରି ଏହାକୁ ବ୍ୟବହାର କରୁନାହାନ୍ତି । ଲୋକଙ୍କ ମନରୁ ଏହି ଭୁଲ୍ ଧାରଣା ଦୂର କରିବା ଲାଗି ଏବେ ଆୟାରଲ୍ୟାଣ୍ଡ ଡବଲିନ୍‌ର ଜଣେ ଡାକ୍ତର ମାଇଟିଉ ଓ ଟୁଆଥେଲ୍ ଏକ ଅଭିନବ ପଦକ୍ଷେପ ନେଇଛନ୍ତି । ସେ ୭୦ ସେକେଣ୍ଡର ଏକ ଭିଡିଓ ସେୟାର କରିଛନ୍ତି । ଭିଡିଓରେ ତାଙ୍କୁ ଗୋଟିଏ ପରେ ଗୋଟିଏ ୬ ମାସ୍କ ପିନ୍ଧୁଥିବା ଦେଖିବାକୁ ମିଳୁଛି । ତାଙ୍କ ନିକଟରେ ଏକ ମେସିନ୍ ରହିଛି ଯାହାକି ଅମ୍ଳଜାନ ସ୍ତର ମାପୁଛି । ଛଅଟି ମାସ୍କ ପିନ୍ଧିବା ପରେ ମଧ୍ୟ ଡାକ୍ତରଙ୍କ ଅମ୍ଳଜାନର ସ୍ତର ୯୮-୯୯ ମଧ୍ୟରେ ରହୁଥିବା ଦେଖାଯାଉଛି । କ୍ୟାପସନ୍‌ରେ ସେ ଲେଖିଛନ୍ତି, 'ଫେସ୍‌ମାସ୍କ ପିନ୍ଧିଲେ ଶରୀରରେ ଅମ୍ଳଜାନ ସ୍ତର କମିନଥାଏ । ମୁଁ ୬ ମାସ୍କ ପିନ୍ଧିଥିଲେ ବି ମୋର ଅମ୍ଳଜାନର ସ୍ତର ଉପରେ କୌଣସି ପ୍ରଭାବ ପଡୁନଥିବା ଆପଣମାନେ ଦେଖୁଥିବେ ।' ଭିଡିଓଟି ଏବେ ଭାଇରାଲ୍ ହେଉଛି ।

# ଭେଣ୍ଡିର ନୂଆ ପ୍ରକାର 'କାଶୀ ଲାଲିମା'



ପ୍ରତ୍ୟେକ ପରିବା ନିଜର ରଙ୍ଗ ଓ ସ୍ୱାଦ ପାଇଁ ପରସ୍ପରଠାରୁ ଭିନ୍ନ ହୋଇଥାନ୍ତି । ଭେଣ୍ଡି ତନ୍ମଧ୍ୟରୁ ଅନ୍ୟତମ । ଖାସ୍‌କରି ଖରାଦିନେ ଚାଷ ହେଉଥିବା ଭେଣ୍ଡି ସମସ୍ତଙ୍କର ଏକ ପସନ୍ଦର ପରିବା । ଏହାର ରଙ୍ଗ ଓ ଗଠନରେ କୌଣସି ନୂତନତ୍ୱ ନାହିଁ । କିନ୍ତୁ ଭାରତୀୟ କୃଷି ବିଶେଷଜ୍ଞମାନେ ଏହାର ଏକ ଆକର୍ଷଣୀୟ ପ୍ରକାର ସୃଷ୍ଟି କରିଛନ୍ତି । ଏହାର ନାଁ 'କାଶୀ ଲାଲିମା' ବା ନାଲି ଭେଣ୍ଡି । ଭେଣ୍ଡିର ଏହି ନୂଆ ରଙ୍ଗ ଆପଣଙ୍କ ଥାଳିରେ ଶୋଭା ନିଶ୍ଚିତ ଭାବେ ବଢ଼ାଇବ ବୋଲି ବିଶେଷଜ୍ଞମାନେ କହୁଛନ୍ତି । କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ, ନାଲି ରଙ୍ଗର ଭେଣ୍ଡି ଫଳାଇବାରେ ସଫଳତା ପାଇବା ପାଇଁ ଭାରତୀୟ ବିଶେଷଜ୍ଞମାନଙ୍କୁ ନିରନ୍ତର ୨୩ ବର୍ଷ ପ୍ରୟାସ କରିବାକୁ ପଡ଼ିଥିଲା । ଦୀର୍ଘ ବର୍ଷର ଗବେଷଣା ପରେ ଉତ୍ତରପ୍ରଦେଶର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଜିଟେବଲ ରିସର୍ଚ୍ଚ (ଆଇଆଇଭିଆର୍) ଦ୍ୱାରା ନାଲି ଭେଣ୍ଡି ବିକଶିତ ହୋଇଛି । ନାଲି ରଙ୍ଗ ପାଇଁ ଭେଣ୍ଡିର ନାମ 'କାଶୀ ଲାଲିମା' ରଖାଯାଇଛି । ଆଇଆଇଭିଆର୍ ଅନୁସାରେ, ୧୯୯୫-୯୬ ମସିହାରେ ନାଲି ଭେଣ୍ଡିର ବିକାଶ ମଧ୍ୟ ଏହା ପରିପୂର୍ଣ୍ଣ । ଭାରତୀୟ କୃଷି ବିଶେଷଜ୍ଞମାନଙ୍କର ଏହି ସଦ୍ୟ ଉଦ୍ଭାବନ କେବଳ ପୋଷାକ ତତ୍ତ୍ୱରେ ପରିପୂର୍ଣ୍ଣ ନୁହେଁ, ମୂଲ୍ୟ ମଧ୍ୟ ଶସ୍ତା । କିଲୋ ପ୍ରତି ୧୦୦ରୁ ୫୦୦ ଟଙ୍କା ମଧ୍ୟରେ ଏହା ମିଳିବ । ସାଧାରଣ ସବୁଜ ଭେଣ୍ଡି ଅପେକ୍ଷା ଏହା ଅଧିକ ପୁଷ୍ଟିକର ବୋଲି ବିଶେଷଜ୍ଞମାନେ କହିଛନ୍ତି । ଚଳିତ ବର୍ଷ ଶେଷ ବେଳକୁ ନାଲି ଭେଣ୍ଡିର ମଞ୍ଜି ସାରା ଦେଶରେ ଉପଲବ୍ଧ ହେବ ।

# ଗୁଆଘିଅ ମଟନ୍



**ସାମଗ୍ରୀ:**

-ମଟନ୍: ୧ କେ.ଜି.
-ଗୁଆଘିଅ: ୨ ଚାମଚ
-ହଳଦୀ ଗୁଣ୍ଡ: ୨ ଚାମଚ
-ଲଙ୍କାଗୁଣ୍ଡ: ୨ ଚାମଚ
-ବଟା ମସଲା: ପିଆଜ ୪ଟା, ରସୁଣ ୪ଟା, ଅଦା ୨ ଇଞ୍ଚ, ଜିରା ୨ ଚାମଚ, ଗୁଜୁରାତି ୨ଟା
-ଟମାଟୋ: ୩ଟା
-ଜିରା: ୨ ଚାମଚ
-ଚିନି: ଅଧାଚାମଚ
-ଶୁଖିଲା ଲଙ୍କା: ୪ଟା
-କସ୍ତୁରୀ ମେଥି: ୨ ଚାମଚ
-ମିଟ୍ ମସଲା ଗୁଣ୍ଡ: ୨ ଚାମଚ
-ଗୁଜୁରାତି, ଗୋଲମରିଚ, ଲବଙ୍ଗ, ଡାଲଚିନି, ତେଜପତ୍ର (ଗୋଟା ମସଲା) ଅଳ୍ପ
-ସ୍ୱାଦ ଅନୁସାରେ ଲୁଣ
-ପ୍ରୟୋଜନ ଅନୁଯାୟୀ ସୋରିଷ ତେଲ

**ପ୍ରଣାଳୀ:** ପ୍ରଥମେ ପ୍ରେସର କୁକର୍‌କୁ ଗ୍ୟାସ୍ ଉପରେ ବସାଇ ଗରମ କରି ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ଟିକେ ଚିନି ପକାନ୍ତୁ । ତା' ପରେ ସେଥିରେ ଗୋଟା ମସଲା ସବୁ ପ୍ରକାନ୍ତୁ । ଟମାଟୋ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ବଟା ବସଲା, କସ୍ତୁରୀ ମେଥି ପକାଇ କଷନ୍ତୁ । ମସଲା କଷି ହୋଇଗଲା ପରେ ମଟନ୍ ଓ ଲୁଣ ପକାଇ ୨୦ ରୁ ୨୫ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ । ମଟନ୍ କଷି ହୋଇଗଲା ପରେ ସେଥିରେ ପାଣି ଦିଅନ୍ତୁ । ତା' ପରେ କୁକର୍ ଢାଙ୍କୁଣୀ ଦେଇ ୮ଟି ସିଟି ଦିଅନ୍ତୁ । ପ୍ରାୟ ୭ ମିନିଟ୍ ପରେ କୁକର୍‌କୁ ଖୋଲି ଦିଅନ୍ତୁ । ତା' ପରେ ଗ୍ୟାସ୍‌ର କଡ଼େଇ ବସାଇ ଘିଅ ଦିଅନ୍ତୁ । ଘିଅ ଗରମ ହେଲା ପରେ ଜିରା, ଶୁଖିଲା ଲଙ୍କାକୁ ପକାଇ ଛୁଙ୍କ ଦିଅନ୍ତୁ । ସେହି ଛୁଙ୍କକୁ ମଟନ୍ ଉପରେ ଢାଳି ଦିଅନ୍ତୁ । ଗରମ ଗରମ ଭାତ କିମ୍ବା ରୁଟି ସହିତ ନିଜେ ଖାଆନ୍ତୁ ଅନ୍ୟମାନଙ୍କୁ ଖାଇବାକୁ ପରିଷି ଦିଅନ୍ତୁ ।

# ସୁନା ମାସ୍କର ମୂଲ୍ୟ ୨.୭୫ ଲକ୍ଷ



କୋଏମ୍ବାଟୁର ସ୍ଥିତ ବଣିଆ ରାଧାକୃଷ୍ଣନ୍ ସୁନ୍ଦରମ୍ ଆଚାର୍ଯ୍ୟ ଏକ ସୁନା ଫେସ୍ ମାସ୍କ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ସେ ରୁପାର ଡୋରି ଲଗାଇଛନ୍ତି । ମାସ୍କ ଡିଜାଇନ୍ ପାଇଁ ସେ ପତଳା ସୁନା ଓ ରୁପା ସୂତା ପ୍ରୟୋଗ କରିଛନ୍ତି । ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି ଏବଂ ମାସ୍କ ପିନ୍ଧିବାର ଗୁରୁତ୍ୱ ବିଷୟରେ ଆଚାର୍ଯ୍ୟ କହିଛନ୍ତି । ୧୮ କ୍ୟାରେଟ୍ ସୁନାରେ ପ୍ରସ୍ତୁତ ଗୋଟିଏ ମାସ୍କର ମଲ୍ୟ ସେ ୨.୭୫ ଲକ୍ଷ ଟଙ୍କା ରଖିଛନ୍ତି । ଏକ ରୁପା ମାସ୍କ ମଧ୍ୟ ସେ ପ୍ରସ୍ତୁତ କରିଛନ୍ତି, ଯାହାର ମୂଲ୍ୟ ୧୫ ହଜାର ଟଙ୍କା । ଏବେ ସୁଦ୍ଧା ସୁନା ମାସ୍କ ପାଇଁ ତାଙ୍କ ପାଖକୁ ୯ଟି ଅର୍ଡର ଆସିଥିବା ଆଚାର୍ଯ୍ୟ କହିଛନ୍ତି । ଜଣେ ସାଧାରଣ ବ୍ୟକ୍ତି ଏହି ମାସ୍କ କେବେ ବି କିଣିପାରିବେ ନାହିଁ । କିନ୍ତୁ ଧନୀ ବ୍ୟକ୍ତି ବିବାହ ଆଦି ରାଜକୀୟ ଉତ୍ସବରେ ସୁନା ମାସ୍କ ପିନ୍ଧିପାରିବେ ବୋଲି ସେ କହିଛନ୍ତି । ତେବେ ସୋସିଆଲ ମିଡିଆରେ ଏ ନେଇ ବେଶ ଚର୍ଚ୍ଚା ହେଉଛି । ଏହି ମାସ୍କ ଲୋକେ କାହିଁକି କିଣିବେ ବୋଲି ଅଧିକାଂଶ ୟୁଜର ପ୍ରଶ୍ନ କରିଛନ୍ତି । ଆଉ କିଛି ଏହି ମାସ୍କର ପ୍ରଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି । ନିକଟରେ କଟକର ଜଣେ ବ୍ୟବସାୟୀ ଏବଂ ପୁନେର ଜଣେ ବ୍ୟକ୍ତି ନିଜ ପାଇଁ ସୁନା ମାସ୍କ ପ୍ରସ୍ତୁତ କରି ଚର୍ଚ୍ଚାକୁ ଅସିଥିଲେ ।

# ସଚେତନତା ବାଣ୍ଟିବ ଏଲ୍‌ଇଡି ମାସ୍କ



କରୋନା ଭାଇରସ୍ ପଙ୍କଟ ସମୟରେ ମାସ୍କ ବିନା ଘରୁ ବାହାରିବା ସମ୍ଭବ ନୁହେଁ । ଏଭଳିସ୍ଥିତିରେ ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି ଏକ ନୂଆ ମାସ୍କ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି । କାଞ୍ଚ୍ରାପରା ସ୍ଥିତ ଗୌର ନାଥ ମାସ୍କରେ ଧାଡ଼ିଏ ଏଲ୍‌ଇଡି ବଲ୍‌ବ ଲଗାଯାଇଛି । ତାଙ୍କର ଏହି ଏଲ୍‌ଇଡି ମାସ୍କ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଏଲ୍‌ଇଡି ମାସ୍କର ଫିଚର୍ ବିଷୟରେ ବର୍ଣ୍ଣନା କରୁଥିବା ଗୌର ନାଥଙ୍କର ଏହି ଭିଡିଓକୁ ଲୋକେ ବହୁତ ପସନ୍ଦ କରୁଛନ୍ତି । ବିଭାଗ ଦାସ ନାମକ ଜଣେ ଫେସବୁକ୍ ୟୁଜର ତାଙ୍କର ଏହି ଭିଡିଓଟିକୁ ଇଣ୍ଟରନେଟ୍‌ରେ ସେୟାର କରିଛନ୍ତି । ଗୌରନାଥ ଏହି ମାସ୍କ ଧାରରେ ନୀଳ ରଙ୍ଗର ଏଲ୍‌ଇଡି ବଲ୍‌ବ ଲଗାଇଛନ୍ତି, ଯାହା ଲୋକଙ୍କ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମ କରିବ ବୋଲି ସେ କହିଛନ୍ତି । ମାସ୍କ ପ୍ରସ୍ତୁତିର ବିଚାର ବିଷୟରେ ଗୌର ଜଣେ ବ୍ୟକ୍ତିଙ୍କୁ ସୂଚନା ଦେଉଥିବା ଭିଡିଓରେ ଦେଖିବାକୁ ମିଳୁଛି । ସେ କହିଛନ୍ତି 'ଏହା ଏକ ସୁରକ୍ଷାତ୍ମକ ପଦକ୍ଷେପ । ମାସ୍କ ପିନ୍ଧିଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ସଙ୍କେତ ରୂପେ କାମ କରିବ । ଏଲ୍‌ଇଡି ମାସ୍କ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କ ଉପରେ ନଜର ପଡ଼ିଲେ, ମାସ୍କ ପିନ୍ଧିନଥିବା ଲୋକ ସତର୍କ ହୋଇଯିବ । ଏହିଭଳି ଭାବେ ଏଲ୍‌ଇଡି ମାସ୍କ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ।' ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କର ନିଜସ୍ୱ ବିଚାର ବୋଲି ଗୌର କହିଛନ୍ତି ।

# ଚର୍ଚ୍ଚାରେ 'ହେୟାର ଟାଟୁ'



ସର୍ବିଆର ନେବିସେଡ୍ ସହରର ନାମକରା ହେୟାର ଡିଜାଇନର ହେଉଛନ୍ତି ମାରିଓ ହେବାଲୋ । ନିକଟରେ ତାଙ୍କ କେଶସଜ୍ଜା ସୋସିଆଲ ସାଇଟ୍ ସହ ବିଶ୍ୱଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେଉଛି । ଲୋକପ୍ରିୟ କଳାକାର ଓ ଚର୍ଚ୍ଚିତ ନେତାଙ୍କ ଫଟୋ ଦେଖି ଅବିକଳ ଭାବରେ ଅନ୍ୟ କେଶରେ ଡିଜାଇନ କରିପାରୁଛନ୍ତି । ଉତ୍ତର-କୋରିଆର ଶାସକ କିମ୍ ଜୋଙ୍ଗ ଉନଙ୍କ ଡିଜାଇନ ସେ ଜଣେ ଗ୍ରାହକଙ୍କ କେଶରେ କରିଛନ୍ତି । ଏହା ସବୁଠୁ ଅଧିକ ଆଦୃତ ହୋଇଛି । ଗ୍ରାହକଙ୍କ କେଶରେ ଏଭଳି ଡିଜାଇନ୍ କରିବା ନିମନ୍ତେ ତାଙ୍କ ୫ରୁ ୬ଘଣ୍ଟା ଲାଗୁଥିବାବେଳେ ସେ ୩୦ରୁ ୪୦ ହଜାର ଟଙ୍କା ପାଉଣା ନେଉଥିବାର ପ୍ରକାଶ । ଆଗାମୀ ୨ ମାସ ପର୍ଯ୍ୟନ୍ତ ତାଙ୍କ ପାଖରେ ୧୫୦ରୁ ଅଧିକ ଗ୍ରାହକ ହେୟାର ଡିଜାଇଇନ କରିବା ନିମନ୍ତେ ତାଲିକାଭୁକ୍ତ ହୋଇଥିବାର ଜଣାପଡ଼ିଛି ।

# କ୍ୟାନସର୍‌ରୁ ସୁରକ୍ଷା ଦେବ ଲେମ୍ବୁ ଓ ବେକିଂ ସୋଡ଼ା!



ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ ଚ୍ ଏକ ନୂତନ ଗବେଷଣା ମୁତାବକ, ଲେମ୍ବୁରେ ଲିମୋନିଡ୍‌ସ ଫାଇଟୋକେମିକାଲ୍ସ ରହିଛି, ଯାହା କ୍ୟାନସର୍ ନିରୋଧ ଗୁଣ ବହନ କରିଥାଏ । ଗବେଷକଙ୍କ ମତରେ, କ୍ୟାନସର୍ ସହ ଲଢ଼ିବାକୁ ଲେମ୍ବୁରେ ୧୨ ପ୍ରକାରର ତତ୍ତ୍ୱ ଭରପୁର୍ ରହିଛି । କେମୋଥେରାପି ଓ ନାର୍‌କୋଟିକ୍ ପ୍ରଡକ୍ଟ ତୁଳନାରେ ଲେମ୍ବୁ ହଜାର ଗୁଣ ଅଧିକ ପ୍ରଭାବଶାଳୀ । ଯଦି ଲେମ୍ବୁ ସହ ବେକିଂ ସୋଡ଼ାର ବ୍ୟବହାର କରାଯାଏ, ତେବେ ଏହି ମିଶ୍ରଣ କ୍ୟାନସର୍ ସେଲ୍ ଉପରେ ଶକ୍ତିଶାଳୀ ପ୍ରଭାବ ପକାଇଥାଏ । ଗବେଷଣାରୁ ଜଣାପଡ଼ିଛି, ସୋଡିୟମ୍ ବାଇକାର୍ବୋନେଟ୍, (ବେକିଂ ସୋଡ଼ାଞ୍ଚ) ଟ୍ୟୁମର୍ ହୋଇଥିବା ସ୍ଥାନ ଓ ଏହାର ଆଖପାଖକୁ ସଂକ୍ରମଣରୁ ସୁରକ୍ଷିତ ରଖିଥାଏ । ଅର୍ଥାତ୍ ଗୋଟିଏ ଅଙ୍ଗରୁ ଅନ୍ୟଟିକୁ ବ୍ୟାପିବାରେ ରୋକିଥାଏ ଗବେଷକଙ୍କ ଅନୁସାରେ, ଯଦି ଭୋଜନରେ ପ୍ରତିଦିନ ଲେମ୍ବୁ ଓ ବେକିଂ ସୋଡ଼ାର ମିଶ୍ରଣକୁ ଏକସଙ୍ଗେ ଗ୍ରହଣ କରାଯାଏ, ତେବେ ପାଚନକ୍ରିୟା ଠିକ୍ ରହିଥାଏ । ଉତ୍ତମ ପରିମାଣ ପାଇଁ ୧ ଚାମଚ ବେକିଂ ସୋଡ଼ା, ଗୋଟିଏ ଲେମ୍ବୁର ରସ ଓ ୨୪୦ ମି.ଲି. ସିଝା ପାଣିରେ ମିଶ୍ରଣ ପ୍ରସ୍ତୁତ କରି ଦିନକୁ ୩ଥର ଦିଅନ୍ତୁ । ଏହା ଆପଣଙ୍କ ଶରୀରକୁ ସୁରକ୍ଷିତ ରଖିବାରେ ବେଶ୍ ସହାୟକ ହେବ ।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡିଜିଟାଲ୍ କାର୍ଯ୍ୟକ୍ରମ

## ଅନ୍‌ଲାଇନ୍‌ରେ ସଂରକ୍ଷଣ ହେବ ବିଭାଗର ତିନି ମଣ୍ଡପ

ଭୁବନେଶ୍ୱର,୦୫।୮ (ନି.ପ୍ର): ଏଣିକି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ରହିଥିବା ଭୁବନେଶ୍ୱରର ତିନୋଟି ମଣ୍ଡପ - ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ ଓ ଭଂଜକଳା ମଣ୍ଡପର ସଂରକ୍ଷଣ ଅନ୍‌ଲାଇନ୍‌ରେ ହୋଇପାରିବ । ଆଜି ଅପରାହ୍ନରେ ସ୍ଥାନୀୟ ସଂସ୍କୃତିଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଏହି ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି । ସେ କହିଛନ୍ତି ଯେ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରାଯାଇ ବିଭାଗକୁ ଅଧିକ କ୍ରିୟାଶୀଳ ଓ ଚଳ ଚଂଚଳ କରାଯିବାକୁ ଉଦ୍ୟମ ଅବ୍ୟାହତ ରହିଛି । ଏହି ତିନୋଟି ମଣ୍ଡପର ସଂରକ୍ଷଣ ପାଇଁ ଏବେ କୌଣସି ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ଅଯଥା ଧାଁ ଦଉଡ଼ କରିବାକୁ ପଡ଼ିବ ନାହିଁ । ଯେ କୌଣସି ସ୍ଥାନରେ ରହି ଅନ୍‌ଲାଇନ୍ ସଂରକ୍ଷଣ କରାଯାଇପାରିବ ଓ ଏହା ଫଳରେ କାର୍ଯ୍ୟ ସମ୍ପାଦକ ସହଜ ସ ଉପାଦେୟ ହୋଇପାରିବ ବୋଲି ସେ ଆଶାପ୍ରକାଶ କରିବା ସହିତ ଏହି କାର୍ଯ୍ୟ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହାୟତା ଯୋଗାଇ ଦେଇଥିବାରୁ ସେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଂଜନ ପାଣିଗ୍ରାହୀ, ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ, ନେଟୱାର୍କ-୧ ମହାପ୍ରବନ୍ଧକ ସି.ଏଲ୍.ଏନ ଚାର୍ଯ୍ୟୁଲୁ ଏବଂ ଜାତୀୟ ସୂଚନା କେନ୍ଦ୍ରର ବୈଷୟିକ ନିର୍ଦ୍ଦେଶକ ବିଭୁ ପ୍ରସାଦ ମିଶ୍ର ବକ୍ତବ୍ୟ ରଖିବ ଅନଲାଇନ ବ୍ୟବସ୍ଥାର ସୁଦକ୍ଷ ପରିଚାଳନା ଓ ନିରପେକ୍ଷତା ବଜାୟ ରଖିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏହି ବ୍ୟବସ୍ଥାରେ ମଧ୍ୟ ପ୍ରେକ୍ଷାଳୟ ଦେୟ ଷ୍ଟେଟ୍ ବ୍ୟାଙ୍କର ଇ-ପେ ମାଧ୍ୟମରେ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ନିର୍ଦ୍ଦେଶକ ଶ୍ରୀ ନାୟକ ବିଭାଗର ଏପରି ଅଭିନବ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବା ନିମନ୍ତେ ଅନୁରୋଧ ଜଣାଇଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସଂସ୍କୃତି ଚର୍ଚ୍ଚା ଲୋକାର୍ପିତ - ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ପ୍ରକାଶିତ ସଂସ୍କୃତି ଚର୍ଚ୍ଚାର ପ୍ରଥମ ଖଣ୍ଡ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଓ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ରାଜ୍ୟ ଅଭିଲେଖାଗାର ଆନୁକୂଲ୍ୟରେ ପ୍ରତି ମାସରେ ଅନୁଷ୍ଠିତ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମରେ ପ୍ରଦତ ବକ୍ତବ୍ୟସନ୍ନିବିଷ୍ଟ ଏହି ସଂକଳନ ଛାତ୍ରଛାତ୍ରୀ, ବିଦ୍ୱାନ, ଗବେଷକ ଓ ସଚେତନ ସଂସ୍କୃତିପ୍ରେମୀମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଅତିଥିମାନେ ଆଶା ପ୍ରକଟ କରିଥିଲେ । ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲି ଲୋକାର୍ପଣରେ ଉପସ୍ଥିତ ଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ପାଣିଗ୍ରାହୀଙ୍କୁ ବିଦାୟ ସମ୍ବର୍ଦ୍ଧନା - ବିଭାଗର ପ୍ରମୁଖ ଶାସନ ସଚିବ ମନୋରଂଜନ ପାଣିଗ୍ରାହୀଙ୍କ କାର୍ଯ୍ୟ ଅବଧି ଆଜି ଶେଷ ହେଉଥିବାରୁ ତାଙ୍କୁ ଏହି କାର୍ଯ୍ୟକ୍ରମରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଭାଗ ପକ୍ଷରୁ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରି ସେସବୁକୁ ଲୋକପ୍ରିୟ କରିବା ଦିଗରେ ଶ୍ରୀ ପାଣିଗ୍ରାହୀଙ୍କ ଭୂମିକାକୁ ଉପସ୍ଥିତ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ । ସଂସ୍କୃତି ବିଭାଗ ଅଧିନସ୍ଥ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତାମାନଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବୃନ୍ଦ ବିଭାଗରେ ଶ୍ରୀ ପାଣିଗ୍ରାହୀଙ୍କ ଅବଦାନ, ଶୃଙ୍ଖଳା ଓ ନେତୃତ୍ୱ ନେଇ ତାଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ମାର୍ଗଦର୍ଶନ ବିଭାଗ ପାଇଁ ଭବିଷ୍ୟତରେ ଅନୁକୂଳ ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଶ୍ରୀମତୀ ସଂଘମିତ୍ରା ଶତପଥି, ଲିପ୍‌ସା ଦାସ, ଉପ ନିର୍ଦ୍ଦେଶକ ଦେବାନନ୍ଦ ବରିହା, ପ୍ରତ୍ନତତ୍ତ୍ୱ ବିଭାଗ କାର୍ଯ୍ୟକର୍ତା ଅଶ୍ୱିନୀ ଶତପଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଶ୍ରୀମତୀ ସୁଚିସ୍ମିତା ମନ୍ତ୍ରୀ, ଲଳିତ କଳା ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ, ସଂଗୀତ ନାଟକ ଏକାଡେମୀର ଅକ୍ଷଧ ବିଜୟ କୁମାର ଜେନା, ହରେକୃଷ୍ଣ ମହତାବ ରାଜ୍ୟ ସଂଗ୍ରହାଳୟର ଅଧିକ୍ଷକ ସନ୍ତୋଷ ଚାଟାର୍ଜୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଶ୍ରୀ ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା ।

# ପଞ୍ଚାମୁଣ୍ଡାଇ ରାଧାରମଣ ମଠରେ ଝୁଲଣ ଯାତ୍ରା

ପଞ୍ଚାମୁଣ୍ଡାଇ,୦୫।୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ପ୍ରମୁଖ ଆଧାତ୍ମିକ ପୀଠ ପଞ୍ଚାମୁଣ୍ଡାଇ ରାଧାରମଣ ମଠରେ ପ୍ରଭୁଙ୍କ ଝୁଲଣ ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରାଧାରମଣ ମଠର ମହନ୍ତ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରେ ପ୍ରଭୁ ରାଧାରମଣ ଦେବ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ପ୍ରଭୁ ହନୁମାନଜୀଉ, ଗୋପେଶ୍ୱର ମହାଦେବଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ଝୁଲଣା ଯାତ୍ରା ଅନୁଷ୍ଠିତ ହୋଇଥିଲା । ମହାମାରୀ କରୋନା ଯୋଗୁଁ ସରକାରୀ କଟକଣା ଓ ସାମାଜିକ ଦୂରତ୍ୱ ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ଓ ରୀତିନୀତି ସମ୍ପନ୍ନ କରାଯାଇଥିଲା । ଏଥିରେ ପଞ୍ଚାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ପୂର୍ବତନ ପୌରାଧକ୍ଷ ରବିନ୍ଦ୍ର ମହାନ୍ତି, ସମାଜସେବୀ ପୁରୁଷୋତମ ବେହେରା, ସୁରେନ୍ଦ୍ର ମହାନ୍ତି, ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରର ସଂପାଦକ ଅମ୍ବୁଜ ଭୂଷଣ ନାୟକ, ଆଡଭୋକେଟ ତପନ ମିଶ୍ର, ହେମନ୍ତ ମହାନ୍ତି, ଦେବାଶୀଷ ପଣ୍ଡା, ବାବାଜୀ ମହେନ୍ଦ୍ର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶ୍ରଦ୍ଧାଳୁ ଓ ମଠର ଶିଷ୍ୟମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ସୂତାର, ରତ୍ନଶ ସାହୁ, ରାଧାରମଣ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ରାଜ୍ୟ ଜନଜାତି ବିଭାଗୀୟ ପରିଚାଳିତ ବିଦ୍ୟାଳୟର ରାଜ୍ୟ ମେଟ୍ରିକ୍ ଟପ୍ପର ଛାତ୍ରୀ ସ୍ମୃତିସ୍ନିଗ୍ଧା ଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା



ବାରିପଦା,୦୫।୮ (ନି.ପ୍ର): ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚବିଦ୍ୟାଳୟ ସମୂହର ଗତ ମେଟ୍ରିକ୍ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଥିବା ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସ୍ମୃତିସ୍ନିଗ୍ଧା ଜେନା ୫୬୦ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଦିଗିଧର ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତୀ ଜେନା ଓ ନବକିଶୋର ଜେନାଙ୍କ ଏକମାତ୍ର ଝିଅ ସ୍ମୃତିସ୍ନିଗ୍ଧା, କେବେ ଟିଉସନ ନହୋଇ ମଧ୍ୟ ତୃତୀୟ, ପଂଚମ ଶ୍ରେଣୀ ବୃତି,ପଠାଣିସାମନ୍ତ ବୃତି, ଗଣିତ ମେଧାବୃତି, ଏନ.ଆର.ଟି.ଏସ. ଭଳି ଅନ୍ୟାନ୍ୟ ବୃତି ହାସଲ କରିବାପରେ ଏବେ ମେଟ୍ରିକ୍ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇ ଠାକୁରମୁଣ୍ଡା ବ୍ଲକ, ମୟୂରଭଞ୍ଜ ଜିଲ୍ଲା, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଗଠିତ ଜୋନ୍ ର ଗୌରବ ବଢାଇଛନ୍ତି । ସ୍ମୃତିସ୍ନିଗ୍ଧାଙ୍କୁ ଏହି ସଫଳତାପାଇଁ ସି.ଏମ.ଓ., ଓଡିଶା, ରୁ ଟୁଇଟର ଯୋଗେ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ବେଳେ ତାଙ୍କୁ ତାଙ୍କ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବଳରାମ ସ୍ୱାଇଁ,ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ,ବ୍ଲକ୍ ର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ଶୁସାନ୍ତ କୁମାର ସାହୁ ତଥା ବିଦ୍ୟାଳୟର ଅନ୍ୟମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସ୍ମୃତିସ୍ନିଗ୍ଧା ଭବିଷ୍ୟତର ପ୍ରଶାନୀକ ସେବା ପାଇଁ ଆଗ୍ରହୀ ଅଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିବା ବେଳେ ସେ, ତାଙ୍କର ଏହି ସଫଳତା ପାଇଁ ପିତା, ମାତା,ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି ।

# ରାଉରକେଲା ଝିଅ ସଂଜିତା ଓ ତହସିଲଦାର ମାନସ ଆଇଏଏସ ପାଇଲେ

ରାଉରକେଲା,୦୫।୮ (ନି.ପ୍ର): ୟୁପିଏସସି ପରୀକ୍ଷା ଫଳ ବାହାରିବା ପରେ ରାଉରକେଲା ତହସିଲଦାର ମାନସ ରଞ୍ଜନ ସାହୁ ଏଥିରେ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି । ତାଙ୍କର ର୍ୟାଙ୍କ ୫୬୭ ଥିବା ଜଣାପଡିଛି । ଗତ ମଇ ମାସରେ ସେ ରାଉରକେଲା ତହସିଲଦାର ବାବେ ଯୋଗଦାନ କରିଥିଲେ । ସେ ରାଉରକେଲାରେ ପାଠ ପଢିଥିବା ବେଳେ ଦିଲ୍ଲୀ ଆଇଆଇଟିରୁ ଇଞ୍ଜିନିୟରିଂ ପଢଥିଲେ । ବିଶ୍ରା ବ୍ଲକ୍ ଜରେଇକେଲା ବାସିନ୍ଦା ମାନସଙ୍କର ମା ସେହି ଅଂଚଳ ବାସୀଙ୍କର ସେବା କରି ବେଶ ସୁନାମ ଅର୍ଜନ କରିଛନ୍ତି । ସେହିଭଳି ରାଉରକେଲା ଛେଣ୍ଡ ଅଂଚଳର ଝିଅ ଏବେ ଭୁବନେଶ୍ୱରରେ ବୋହୁ ସଂଜିତା ମହାପାତ୍ର ମଧ ଏଥିରେ କୃତକାର୍ଯ୍ୟ ହୋଇ ୧୦ମ ସ୍ଥାନ ଅଧିକାର କରିଛନ୍ତି । ସଂଜିତା ଇଞ୍ଜିନିୟରିଂ ସାରି ରାଉରକେଲା ଷ୍ଟିଲ୍ ପ୍ଲାଂଟରେ ସହକାରୀ ମ୍ୟାନେଜର ଭାବେ ପ୍ଲେଟ୍ ମିଲରେ କାମ କରୁଥିଲେ । ତେବେ ବିବାହ ପରେ ସେ ଭୁବନେଶ୍ୱରରେ ରହିବାରୁ ଚାକିରୀ ଛାଡିଦେଥିଲେ । ତେବେ ଶାଶୁ ଘରେ ରହି ପାଠ ପଢି ଆଇଏଏସ ପାଇବା ଭଳି କଥାକୁ ନେଇ ଆଜି ରାଉରକେଲା ସହରରେ ଖୁସିର ଲହରି ଖେଳିଯାଇଛି । ଉଭୟ ଆଇଏଏସଙ୍କୁ ନେଇ ସହର ବାସୀ ବେଶ୍ ଖୁସି ଥିବା ବେଳେ ଆଗାମୀ ପୀଢି ଲାଗି ଏମାନେ ନିଶ୍ଚୟ ଉଦାହରଣ ହେବେ ବୋଲି କୁହାଯାଉଛି ।

# ଆମ୍ବୁଲାନ୍ସକୁ ଅପେକ୍ଷା କରି ବୃଦ୍ଧଙ୍କ ମୃତ୍ୟୁ

ଗଞ୍ଜାମ,୦୫।୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ାର ଜଣେ ବୃଦ୍ଧ ୬୦ ବର୍ଷିୟ ନିରଞ୍ଜନ ବେହେରା ଆଜି ସକାଳେ ଶ୍ୱାସକ୍ରିୟାଜନିତ କଷ୍ଟ ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରୟରେ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ । ତାଙ୍କ ଶ୍ୱାସ୍ଥ୍ୟାବସ୍ଥା ସଙ୍ଗିନ ହେବାରୁ ତାଙ୍କୁ ପରବର୍ତି ସମୟରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପର ବଡ଼ ମେଡିକାଲକୁ ରେଫର୍ କରିଥିଲେ ଡ଼ାକ୍ତର । ଆମ୍ବୁଲାନ୍ସ ଡାକିବା ସତ୍ତ୍ୱେ ୫ ଘଂଟା ବିଳମ୍ବ ଘଟିବାରୁ ଶେଷରେ ବୃଦ୍ଧ ଜଣକ ଡ଼ାକ୍ତରଖାନା ଖଟିଆରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ୱାସ୍ଥ୍ୟସେବାରେ ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଆଶା ସାଥୀଙ୍କୁ ମିଳୁନି କୋଭିଡ ସୁରକ୍ଷା

ଧର୍ମଶାଳା,୦୫।୮ (ନି.ପ୍ର): କାରାନ ସଂକ୍ରମଣ ଜିଲାରେ ବଢିବଢି ଚାଲିଛି । କେରାନା ସଂକ୍ରମଣକୁ ମୁକାବିଲା ନିମନ୍ତେ ବିଭିନ୍ନ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିୟୋଜିତ କରାଯାଇଛି । ହେଲେ ସେମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ମିଳୁ ନଥିବା ଅଭିଯୋଗ ହୋଇଛି । ଯାଜପୁର ଜିଲା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ କାର୍ଯ୍ୟରତ ଆଶାସାଥୀଙ୍କୁ କୋଭିଡ ସୁରକ୍ଷା ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକି ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି । ଏହି ସମୟରେ ପିପି କିଟ ସହ ସାବୁନ,ମାକ୍ସ,ସାନିଟାଇଜରର ଆବଶ୍ୟକତା ରହିଛି । ପଂଚାୟତ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଆମ ପାଇଁ କୌଣସି ସୁରକ୍ଷା ଦିଆଯାଉନାହିଁ । ଯାହାକି କାର୍ଯ୍ୟ କରିବା ସମୟରେ ଭୟ ଲାଗୁଛି । ଏଭଳି ଅନେକ ଦାବି ନେଇ ଆଜି ବରୀ ବ୍ଲକ ଆଶାସାଥୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ପତ୍ରରେ ସେମାନେ ବିଭିନ୍ନ ସମୟରେ କରୋନା ସଂକ୍ରମିତ ଅଂଚଳକୁ ଯାଇ କାର୍ଯ୍ୟକରୁଛନ୍ତି । ହେଲେ ଏଏନଏମ ଦିଦିଙ୍କୁ ସବୁ ସୁରକ୍ଷା ଜିନିଷ ମିଳୁଛି ହେଲେ ଆଶାମାନଙ୍କୁ କିଛି ମିଳୁ ନାହିଁ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାତରଅନ୍ତର କରୁଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଆବଶ୍ୟକୀୟ କିଟ ଯୋଗାଇ ଦେବାକୁ ଦାବି କରିଛନ୍ତି । ଜୀବନ ପ୍ରତି ବିପଦ ଥିବା ନେଇ ବୀଣାପାଣି ବେହେରା, ଇନ୍ଦୁଲତା ସ୍ୱାଇଁ, ସସ୍ମିତା ମଲ୍ଲିକ, ସତ୍ୟଭାମା ମଲ୍ଲିକ, ଅନୁପମା ସାହୁ, ପ୍ରଭାସୀ ସାହୁ, ସୁଷମା ମଲ୍ଲିକ, ରଞ୍ଜୁଲତା ବେହେରା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପଂହଚି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତ ଆଶିଷ କୁମାର ଦାସଙ୍କୁ ଭେଟି ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି ।

# କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

## ୧୪ ହଜାର ୪୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୦୫।୮ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୩ ତାରିଖ ଦିନ ଜିଲ୍ଲା ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ଆଇନ ଭଙ୍ଗ କରୁଥିବା ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ମୋଟ୍ ୧୪ ହଜାର ୪୦୦ ଟଙ୍କା ଜୋରିମାନା ଆଦାୟ କରିଛନ୍ତି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ପାରାଖେମୁଣ୍ଡି ଆଦର୍ଶ ଥାନା ୫୦୦୦ ଟଙ୍କା, କାଶୀନଗର ଥାନା ପୋଲିସ ୧୨୦୦ ଟଙ୍କା, ଗୁରାଣ୍ଡି ଥାନା ୧୨୦୦ ଟଙ୍କା, ଗାରାବନ୍ଧ ଥାନା ୧୦୦୦ ଟଙ୍କା, ରାୟଗଡ଼ ଥାନା ୧୦୦୦ ଟଙ୍କା, ସେରଙ୍ଗ ଥାନା ୮୦୦ ଟଙ୍କା, ମୋହନା ଥାନା ୧୬୦୦ ଟଙ୍କା, ରାମଗିରି ଥାନା ୮୦୦ ଟଙ୍କା, ଅଡ଼ବା ଥାନା ପୋଲିସ ପକ୍ଷରୁ ୧୮୦୦ ଟଙ୍କା ଜୋରିମାନା ବାବଦକୁ ଆଦାୟ କରାଯାଇଛି ।

# ବିଦ୍ୟୁତ୍ ସଂଯୋଗ ଦାବିରେ ଅଭିନବ ପ୍ରତିବାଦ : ରାସ୍ତା ଉପରେ ଶୋଇ ବିକ୍ଷୋଭ ପ୍ରଦର୍ଶନ କଲେ ଶତାଧିକ ଆଦିବାସୀ

ଭଦ୍ରକ, ୫/୮ (ହି.ସ.) - ଦୀର୍ଘଦିନ ଧରି ବିଦ୍ୟୁତ୍ ସେବାରୁ ବଂଚିତ ବହୁ ଆଦିବାସୀ ପରିବାର ଆଜି ଶହୀଦ ବିର୍ସାମୁଣ୍ଡା ଆଦିବାସୀ ମହାସଂଘ ନେତୃତ୍ୱରେ ଭଦ୍ରକ ବିଧାୟକଙ୍କ ବାସଭବନକୁ ଭେଟିବାକୁ ଆସି ରାସ୍ତା ମଝିରେ ପୁଲିସ୍ ଦ୍ୱାରା ଅଟକ ହୋଇ ସହରର ରାଜଘାଟ ଛକରେ ଶୋଇରହି ଅଭିନବ ପ୍ରତିବାଦ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତେବେ ଶେଷ ମୁହୂର୍ତରେ ଏସ୍‌ଡିପିଓ ଓ ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ସେମାନେ ଏହି ଅଭିନବ ଆନ୍ଦୋଳନରୁ ଓହରିଥିବାର ଜଣାପଡିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଭଦ୍ରକ ଗ୍ରାମା ଳ ଥାନା ଅଧୀନସ୍ଥ ଚରମ୍ପା ଓ ଏରେଇଁ ଗ୍ରାମରେ ରହୁଥିବା ଶତାଧିକ ଆଦିବାସୀ ଶ୍ରମିକ ମାନେ ଦୀର୍ଘଦିନ ଧରି ବିଦ୍ୟୁତ୍ ସେବାରୁ ବଂଚିତ ହୋଇଆସୁଛନ୍ତି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଜୋର ଜବରଦସ୍ତ ସେମାନଙ୍କ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି । ଏହି ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସେମାନେ ବାରମ୍ବାର ବିଭାଗୀୟ କର୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ ମଧ ନିରାଶ ହୋଇଛନ୍ତି । ଫଳରେ ଆଜି ଭଦ୍ରକ ଶହୀଦ ବିର୍ସାମୁଣ୍ଡା ଆଦିବାସୀ ମହାସଂଘ ନେତୃତ୍ୱରେ ଶତାଧିକ ଆଦିବାସୀ ପରିବାର ନିଜ ଗ୍ରାମରୁ ଏକ ନୀରବ ଶୋଭାଯାତ୍ରାରେ ଭଦ୍ରକ ବିଧାୟକଙ୍କ ବାସଭବନରେ ପହଂଚିଥିଲେ । ପରେ ରାଜଘାଟ ଛକ ନିକଟରେ ଏହି ଆନ୍ଦୋଳନକାରୀଙ୍କୁ ପୁଲିସ୍ ଅଟକାଇବାରୁ ଉତେଜନା ପ୍ରକାଶ ପାଇଥିଲା । ପରେ ଭଦ୍ରକ ଏସ୍‌ଡିପିଓ ଓ ଉପଜିଲାପାଳ ଘଟଣା ସ୍ଥଳରେ ପହଂଚି ବୁଝାସୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ବିକ୍ଷୋଭରୁ ଓହରିଥିବାର ଜଣାପଡିଛି ।

# ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡା,୦୫।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଶ୍ରଦ୍ଧା ସଂଗଠନ ଏବଂ ନେହେରୁ ଯୁବକେନ୍ଦ୍ର ନୂଆପଡାର ମିଳିତ ଆନୁକୂଲ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଶିଶୁ ବିଦ୍ୟା ମନ୍ଦିର ଅଧ୍ୟକ୍ଷ ସତ୍ୟ ନାରାୟଣ ହୋତା, ଶ୍ରଦ୍ଧା ସଙ୍ଗଠନର ଅଧ୍ୟକ୍ଷା ସ୍ନେହଲତା ବାଗ, ସମ୍ପାଦିକା ସରୋଜିନୀ ଘିଭେଲା, କୋଷାଧ୍ୟକ୍ଷ ହରିଶ ଯାଦବ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରି ତାର ଯତ୍ନ ନେବାକୁ ସଙ୍କଳ୍ପ ନେଇଥିଲେ ।

# ନନ୍ଦଉତ୍ସବ -୨୦୨୦ ପାଳନ ହେବନି, ନିରାଡମ୍ବରରେ ପୂଜାର୍ଚ୍ଚନା ହେବ

ଭଦ୍ରକ, ୫/୮ (ହି.ସ.) - ଉତ୍କଳ ଯାଦବ ମହାସଭାର ଆସନ୍ତା ନନ୍ଦୋତ୍ସବ ୨୦୨୦ପାଇଁ ର ଏକ ପ୍ରସ୍ତୁତି ବୈଠକ ଚରଂପାସ୍ଥିତ ହାପିହୋମ ସ୍କୁଲ ଠାରେ ଜିଲ୍ଲା ସଭାପତି ଡ. ସୁଧାଂଶୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ କୋଭିଡ-୧୯ର ମହାମାରୀକୁ ଆଖିରେ ରଖି ଉକ୍ତ ପରଂପରା ଜନ୍ମାଷ୍ଟମି ନିରାଡମ୍ବରଭାବରେ ପ୍ରତ୍ୟେକ ପରିବାରରେ ପାଳନ କରାଯିବାକୁ ବୈଠକରେ ଆଲୋଚନାରେ ସ୍ଥାନ ପାଇବା ସହିତ ସମସ୍ତ ପରିବାରକୁ ନିବେଦନ କରାଯାଇଥିଲା । ରାଜ୍ୟ ସାଧାରଣ ସଂପାଦକ ଧିରେନ ପଲେଇ କୋଭିଡ ନିୟମାବଳୀକୁ ପାଳନ କରିଯାଇ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ ବୋଲି କହିଥିଲେ । ଜନ୍ମାଷ୍ଟମୀ ଦିନ ଧାମନଗର ଉତ୍କଳଯାଦବ ମହାସଭା ତରଫରୁ ଧାମନଗରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେବାର ରହିଛି ବୋଲି ଧାମନଗରର କାର୍ଯ୍ୟକାରୀ ସଭାପତି ଅନିଲ ବାରିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଭଦ୍ରକ ଉତ୍କଳ ଯାଦବ ମହାସଭାର ସାଧାରଣ ସଂପାଦକ ଦିଲ୍ଲିପ ନାୟକ, କୋଷାଧ୍ୟକ୍ଷ ବିଷ୍ଣୁ ପଲାଇ, ରାଜ୍ୟ ଯୁବ ସଂପାଦକ ଅମର କୁମାର ନାୟକ,ଜିଲ୍ଲା ଯୁବଯାଦବ ମହାସଭାର ସଭାପତି ସାମ୍ବାଦିକ ରବି ନାରାୟଣ ଖିଲାର, କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡା, ତିହିଡି ବ୍ଲକ ସଭାପତି ହରିଶ ଚନ୍ଦ୍ର ବାରିକ, ବାସୁଦେବପୁର ସଂପାଦକ ଭାଗିରଥି ପଲାଇ, ଭଣ୍ଡାରିପୋଖରୀ ସଭାପତି ଧ୍ରୁବ ଚରଣ ବାରିକ ବାସୁଦେବପୁର ଯୁବ ନେତା ସୁଶାନ୍ତ ମହାକୁଡ, ବାଣୀକଲ୍ୟାଣ ନାୟକ, ଧାମନଗର ବ୍ଲକ ସଭାପତି ସୁବାସ ଚନ୍ଦ୍ର ବାରିକ, ସାଧାରଣ ସଂପାଦକ କୁଳମଣି ବେହେରା , ରାଜୁ ଦାସ,ପଦ୍ମନାଭ ନାୟକ, କୋଲକତା ଯାଦବ ମହାସଭାର ସଭାପତି ହରେକୃଷ୍ଣ ପଲେଇ, କୃଷ୍ଣଚନ୍ଦ୍ର ବେହେରା , ଯୁବ ଉପସଭାପତି ସଂଜୀବ କୁମାର ନାୟକ, ସାଧୁଚରଣ ବାରିକ, ସଂପାଦକ ଚନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ମନୋରଂଜନ ଦାସ ପ୍ରମୁଖ ଯୋଗଦେଇ ନିଜର ମତ ବ୍ୟକ୍ତ କରିଥିଲେ । ବିଧି ଅନୁଯାୟୀ ଚଳିତ ବର୍ଷ ଚୁନିନ୍ଦାଠାରେ ନିରାଡମ୍ବରରେ ପୂଜା କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ସେହିପରି ସାଳନ୍ଦୀ ବାଇପାସଠାରେ ଏକ ନୂତନ ଯୁବ ଯାଦବ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବ ବୋଲି ଯୁବ ସଭାପତି ଶ୍ରୀ ଖିଲାର ସୂଚନା ପ୍ରଦାନ କରିଥିଲେ । ଏହି ସମୟରେ କୋଭିଡର ଗାଇଡଲାଇନ ପାଳନକରାଯିବ । ଏଥିସହିତ ଚୁନିନ୍ଦାଠାରେ ଦୁଇଦିନଧରି ନିରାଡମ୍ବରଭାବେ ମାତ୍ର ୧୦ ଜଣଙ୍କୁ ନେଇ ପୂଜାର୍ଚ୍ଚାନା କରାଯିବାକୁ ଜିଲ୍ଲା ସାଧାରଣ ସଂପାଦକ ଦିଲିପ ନାୟକ କହିଥିଲେ । ଏହି ସମୟରେ ସାମାଜିକ ଦୂରତା ଓ ସମସ୍ତେ ମାସ୍କ ପିନ୍ଧିବାକୁ ଜିଲ୍ଲା ସଭାପତି ଶ୍ରୀ ନାୟକ କହିଥିଲେ । ପ୍ରକାଶ ଯେ, ଉତ୍କଳ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ହଜାରହଜାର ଯାଦବଭାଇ ଓ ଶ୍ରୀ କୃଷ୍ଣ ପ୍ରେମୀମାନଙ୍କୁ ନେଇ ଏହି ନନ୍ଦ ଉତ୍ସବ ଚରଂପା, ଧାମନଗର, ଭଣ୍ଡାରିପୋଖରୀ, ବନ୍ତବ୍ଲକରେ ପାଳନ ହେବାପରେ ଚଳିତ ବର୍ଷ ମହା ଆଡମ୍ବର ସହକାରେ ପୁଣି ଚରଂପା ଠାରେ ପାଳିତ ହେବାର ଥିଲା । କିନ୍ତୁ ବିଶ୍ୱର ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ନେଇ ଚଳିତ ବର୍ଷ ଏହା ହେବନି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ସାମାଜିକ ସୁରକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ମେଡିକାଲ ବୋର୍ଡ : ତୃତୀୟ ପର୍ଯ୍ୟାୟରେ ୩୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ

ବାରିପଦା,୦୫।୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ୍ ଭରଦ୍ୱାଜ୍‌ଙ୍କ ସୁପାରିଶ କ୍ରମେ ଜିଲ୍ଲା ମେଡିକାଲ ବୋର୍ଡର ତୃତୀୟ ପର୍ଯ୍ୟାୟ ଆୟୋଜିତ ହୋଇ ଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନରେଶ ଚନ୍ଦ୍ର ବିନ୍ଧାଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଶ୍ରୀ ଅବନୀ କୁମାର ପତୀଙ୍କ ସହଯୋଗ କ୍ରମେ ଏହି ଭିନ୍ନକ୍ଷମ ପ୍ରମାଣପତ୍ର ଶିବିରରେ ଶ୍ରବଣ ବାଧିତ, ଭେଷକ, ଅସ୍ଥିଶଲ୍ୟ ମାନସିକ ବିଭାଗର ମୋଟ ୩୫ ଜଣଙ୍କର ଅନଲାଇନ୍ ପିକରଣ ଓ ନିଦାନ କରାଯାଇ ୟୁ.ଡି.ଆଇ.ଡି. ନମ୍ବର ସହିତ ପ୍ରମାଦ ପତ୍ର ପ୍ରଦାନ କରାଯାଇଛି ଏହି ମେଡିକାଲ ବୋର୍ଡରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଚକ୍ଷୁ, ନାଶା, କର୍ଣ୍ଣ ଓ ଗଳା ବିଭାଗର ବରିଷ୍ଠ ବିଶେଷଜ୍ଞ ଡ. ବିଶ୍ୱନାଥ ଦାସ, ଭେଷଜ ବିଭାଗୀୟ ବରିଷ୍ଠ ବିଶେଷଜ୍ଞ ଡ. ତପନ କୁମାର ଆଚାର୍ଯ୍ୟ ମାନସିକ ବିଭାଗର ଡ. ପ୍ରଦୀପ କୁମାର ନାୟକ ଚକ୍ଷୁ ବିଭାଗର ଡ. ମିତା ମିଶ୍ର, ଅସ୍ଥିଶଲ୍ୟ ବିଭାଗର ପ. ମହୋନ ଚରଣ ମୁର୍ମୁ, ନିରିକ୍ଷଣ କରିଥିଲେ । ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ବରିଷ୍ଠ ଓଡିଓଲୋଜିଷ୍ଟ ମାସନ କୁମାର ନାୟକ ଫଜିଓଥରପିଷ୍ଟ ରମେଶ୍ୱର ପୁଥାଳ ସାଇକଲୋଜିଷ୍ଟ ଚନ୍ଦ୍ର ଶେଖର ନାୟକ ମବିଲିଟି ଇନ୍‌ସ୍ପେକ୍ଟର ପ୍ରବୀଣା ଦାସ, ବିପିନ ବିହାରୀ ବେହେରା, ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ଅଧକ୍ଷ ଅବନୀ ପତି, ମନୋଜ ବେହେରା, ସସ ଭୂୟାଁ, ଶତପଥୀ ଶିନୁ ଦାସଅଧିକାରୀ, ରାଧାଶ୍ୟାମ ପଟ୍ଟନାୟକ ଆଦି ସହଯୋଗ କରିଥିଲେ । ପ୍ରମୁଖ ପିକରଣରେ ଶ୍ୱେତ ବାହାନି ମିଶ୍ର, ରୋଜାଲିନ୍ ସାହୁ, କାର୍ତିକେଶ୍ୱର ଦଉ, ମାନସ କୁମାର ଦଣ୍ଡପାଟ, ସାଗର କୁମାର ଦ୍ୱିବେଦୀ, ଉତ୍ତମ କୁମାର ପାଲ୍ ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଭୁବନ ଏନଏସି ବୁଧବାର ଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ସଟଡାଉନ !

ଭୁବନ,୦୫।୮ (ନି.ପ୍ର): ଭୁବନ ଏନଏସିରେ ଗତକାଲି ସମୁଦାୟ ୩୧ ଜଣ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେବାପରେ ସମଗ୍ର ଭୁବନ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି । ଗୋଷ୍ଠୀ ସଂକ୍ରମଣ ରୋକିବା ପାଇଁ ଜିଲ୍ଲାପାଳ ଚିଠି ନଂ- ୭୦୫୨ ତା ୪.୮.୨୦୨୦ ରେ ଭୁବନ ଏନଏସିକୁ ଆସନ୍ତାକାଲି ୫ ତାରିଖ ବୁଧବାର ଠାରୁ ୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ସଟଡାଉନ ଘୋଷଣା କରିଛନ୍ତି । ପ୍ରତି ଶନିବାର, ରବିବାର ସପ୍ତାହାନ୍ତ ସଟଡାଉନ ଯୋଗୁ ଆସନ୍ତା ସୋମବାର ସକାଳ ୭ ଘଟିକା ପର୍ଯ୍ୟନ୍ତ ସଟଡାଉନ ବଳବତର ରହିବ । ଏହି ସଟଡାଉନ ସମୟରେ କରୋନା ସଂକ୍ରମିତଙ୍କ ସଂପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯିବ । ଆୟତନ ଅନୁସାରେ ଲୋକ ସଂଖ୍ୟା ଅଧିକ ଥିବାରୁ ଏଠାରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ଅଧିକ ରହୁଛି । ଏନଏସି ପ୍ରଶାସନ ତରଫରୁ ଆଜି ୧,୪,୫,୬,୭,୮,୯,୧୧ ଓ ୧୫ ନମ୍ବର ୱାର୍ଡକୁ ସାନିଟାଇଜେସନ କରାଯାଇଥିଲା । ବର୍ଷା ଯୋଗୁ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ଓ କ୍ୱାରେନଟାଇନ ସେଂଟର ସା ନି ଟା ଇ ଜେ ସ ନ ହୋଇପାରିନଥିଲା । ଆସନ୍ତା କାଲି ଏହି ୨ ଟି ଜାଗାକୁ ସାନିଟାଇଜେସନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ସୂଚନା ଦେଇଛନ୍ତି । ସଟଡାଉନ ସମୟରେ ଜାତୀୟ ରାଜପଥରେ ମାଲ ପରିବହନ ହୋଇପାରିବ, ବେସରକାରୀ ଟାକ୍ସି ଚାଲିପାରିବ, ସକାଳ ୫ ଘଟିକା ଠାରୁ ୮ ଘଟିକା ପର୍ଯ୍ୟନ୍ତ ଖବରକାଗଜ , କ୍ଷୀର ଇତ୍ୟାଦି ହୋମ ଡେଲିଭରି ହୋଇପାରିବ । ନିର୍ମାଣ କାର୍ଯ୍ୟ, କୃଷି କାର୍ଯ୍ୟ ହୋଇପାରିବ । ଔଷଧ ଦୋକାନୀ, ମେଡିକାଲ କର୍ମଚାରୀ, ଜଳଯୋଗାଣ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ କ୍ଷେତ୍ରରେ ସଟଡାଉନ କଟକଣା ଲାଗୁହେବନାହିଁ । ସଟଡାଉନ ସମୟରେ ଭୁବନବାସୀ ସତର୍କ ଓ ସୁରକ୍ଷିତ ରହିବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବରାଳ ଓ ଆଇଆଇସି ଜିତେନ୍ଦ୍ର କୁମାର ସାହୁ ନିବେଦନ କରିଛନ୍ତି ।

# ରାମିଆଳ ନଦୀରେ ଅଚାନକ ପାଣି ଆସିବାରୁ ନଦୀରେ ଭାସିଯାଇ ବୃଦ୍ଧ ନିଖୋଜ

ଭୁବନ,୦୫।୮ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଲା ପଂଚାୟତର ଲୋକାପଲ୍ଲୀ ଗ୍ରାମର ଜନୈକ ବୃଦ୍ଧ ନଦୀ ପାର ହେଉଥିବା ସମୟରେ ବୁଡିଯାଇ ନିଖୋଜ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,ଲୋକାପଲ୍ଲୀ ଗ୍ରାମର ହୃଷିକେଶ ବେହେରା (୬୬) ଆଜି ସକାଳ ୭ ଘଟିକା ସମୟରେ ରାମିଆଳ ନଦୀ ପାର ହୋଇ ତାଙ୍କ ଚାଷ ଜମିକୁ ଯାଇଥିଲେ । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହଠାତ ନଦୀରେ ବଢି ପାଣି ଆସିଥିଲା । ଲୋକଙ୍କ ହୋହାଲ୍ଲା ଶୁଣି ହୃଷିକେଶ ପୁନଶ୍ଚ ନଦୀ ପାର ହୋଇ ଫେରୁଥିବା ବେଳେ ନଦୀର ପ୍ରଖର ସୁଅରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ଏ ସଂପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିଥିଲେ । ରିପୋର୍ଟ ଲେଖାହେଲା ପର୍ଯ୍ୟନ୍ତ ସଂପୃକ୍ତ ବୃଦ୍ଧଙ୍କର କୌଣସି ପତା ମିଳିନାହିଁ । ଫଳରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

# କୋଭିଡ୍ ଯୋଦ୍ଧାଙ୍କ ସମ୍ମାନରେ ନୀରବ ପ୍ରାର୍ଥନା-ଶପଥ ପାଠ



ବାଲେଶ୍ୱର,୫।୮ (ନି.ପ୍ର): ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଆଜି ବାଲେଶ୍ୱରରେ ନୀରବ ପ୍ରାର୍ଥନା ଓ ଶପଥ ପାଠ କାର୍ଯ୍ୟକ୍ରମ ଜିଲ୍ଲା କଲେକ୍ଟୋରେଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓସଓ୍ୱାନ ହଲରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜିଲ୍ଲାପାଳ ଶ୍ରୀକେ ସୁଦର୍ଶନ ଚକ୍ରବର୍ତୀ ଉପସ୍ଥିତ ରହି ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ନୀରବ ପ୍ରାର୍ଥନା ଓ ଶପଥ ପାଠ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ମନ୍ତ୍ରୀ ଓ ବିଧାୟକମାନଙ୍କୁ ଜିଲ୍ଲାର କୋଭିଡ ସ୍ଥିତ ସଂପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲ୍ଲା ତଥା ଓଡିଶାର ବିଭିନ୍ନ ବର୍ଗର ଜନସାଧାରଣ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ କୋଭିଡ ଯୋଦ୍ଧାଙ୍କୁ ସମ୍ମାନ ଜଣାଇଛନ୍ତି। ଅନୁରୂପ ଭାବେ କଲେକ୍ଟୋରେଟ୍ ପରିସରରେ ଅନୁଷ୍ଠିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ମିତ କୁମାର ନାୟକ, ଆଇ.ଏ.ଏସ. ପ୍ରୋବେସନର ଅନ୍ୟା ଦାସଙ୍କ ସମେତ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ନୀରବ ପ୍ରାର୍ଥନା ଓ ଶପଥ ପାଠ କରିଥିଲେ। ସମସ୍ତେ ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ବଜାୟ ରଖି, ମାସ୍କ ପରିଧାନ ପୂର୍ବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଅନୁରୂପ ଭାବେ ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଜିଲ୍ଲା ସମାଜ ମଙ୍ଗଳ, ଶିକ୍ଷା ବିଭାଗ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟ ପକ୍ଷରୁ ନିଜ ନିଜ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ନୀରବ ପ୍ରାର୍ଥନା ଓ ଶପଥ ପାଠ କରାଯାଇଥିଲା। କୋଭିଡି ଯୁଦ୍ଧାଙ୍କ ତ୍ୟାଗକୁ ସମ୍ମାନ ପ୍ରଦର୍ଶନ ସହ ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଜିଲ୍ଲାର ଅନ୍ୟାନ୍ୟ ଅଂଚଳରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଜଣାପଡିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶହୀଦ କୋଭିଡ ଯୋଦ୍ଧାଙ୍କୁ ...

ଅନୁଷ୍ଠାନର କର୍ମଚାରୀ ଭାଗ ନେଇ ଶହୀଦ କରୋନା ଯୋଦ୍ଧାଙ୍କ ପ୍ରତି ଜାତିର କୃତଜ୍ଞତା ଅର୍ପଣ କରିଛନ୍ତି । ନିଜ ପରିବାର ଓ ବ୍ୟକ୍ତିଗତ ସୁଖ ସୁବିଧାକୁ ପଛରେ ପକାଇ ଆମର କୋଭିଡ ଯୋଦ୍ଧା ମାନେ ଉତ୍ସର୍ଗୀକୃତ ମନୋଭାବ, ତ୍ୟାଗ ଓ ନିଷ୍ଠାର ସହ ଯେପରି ସେବା କରିଚାଲିଛନ୍ତି, ତାକୁ ଉତ୍ସାହିତ କରିବା ଏବଂ ତାଙ୍କର ଏହି ମହତ୍ କାର୍ଯ୍ୟକୁ ଦୃଢ ସମର୍ଥନ ଦେବା ପାଇଁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ସହଯୋଗ, ସଚେତନତା ଓ କୋଭିଡ ଯୋଦ୍ଧାଙ୍କୁ ଉତ୍ସାହିତ କରିବାର ଶପଥ ପାଠ କରାଇଥିଲେ। ମୁଁ ଜିତିବି, ମୋ ଓଡିଶା ଜିତିବ ଓ ମାନବ ଜାତି ବି ଜିତିବ; ଏହି ସଂକଳ୍ପ ନେଇ କରୋନା ବିରୁଦ୍ଧରେ ଲଢେଇକୁ ମଜବୁତ କରିବା ସହିତ କୋଭିଡ ନିୟମାବଳୀର ଅନୁପାଳନ ଓ କୋଭିଡ ଯୋଦ୍ଧାଙ୍କୁ ପୂର୍ଣ୍ଣ ସହଯୋଗ ଓ ସମ୍ମାନ ଜଣାଇବା ପାଇଁ ମଧ ସମସ୍ତେ ଶପଥ ନେଇଥିଲେ।

### ପ୍ରବଳ ବର୍ଷା...

ଅରେଂଜ ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲା ଗୁଡିକ ହେଲା ବରଗଡ , ଝାରସୁଗୁଡା , ସମ୍ବଲପୁର,ଦେବଗଡ, ସୁନ୍ଦରଗଡ, ନୂଆପଡା,ବଲାଙ୍ଗୀର , ସୋନପୁର , ବୌଦ୍ଧ ଓ ଅନୁଗୁଳ। ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳ ଗୁଡିକରେ ପାଣି ଭରିଯିବାର ସମ୍ଭାବନା ରହିଛି। ସେହିପରି କଳାହାଣ୍ଡି, ନବରଙ୍ଗପୁର, କଟକ,ଢେଙ୍କାନାଳ , ଖୋର୍ଦ୍ଧା, ଯାଜପୁର,କେନ୍ଦ୍ରାପଡା, ଭଦ୍ରକ, ଜଗତସିଂହପୁର,କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରୀ କରିଛି ପାଣିପାଗ କେନ୍ଦ୍ର।

### ପୂର୍ବତନ ପୋଲିସ୍ ...

ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତର ପାସ୍ କରିବା ପରେ ୧୯୬୩ରେ ଆଇପିଏସରେ ଯୋଗ ଦେଇଥିଲେ। ଏହାପରେ ସେ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିଲେ। ତିୱାରୀ ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ପୋଲିସ ଅଧିକାରୀ ଯିଏକି ଏସପିଜିର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ।ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ନକ୍ସଲ ନିରୋଧି ଅପରେସନ୍ କ୍ଷେତ୍ରରେ ତାଙ୍କର ପଦକ୍ଷେପ ପ୍ରଶଂସନୀୟ ଥିଲା।

### ରାଜ୍ୟରେ ବିଭିନ୍ନ ...

୧୫୪, କଟକ ଜିଲ୍ଲାରେ ୨୬୨୬, ଦେବଗଡ ଜିଲ୍ଲାରେ ୯୬, ଢେଙ୍କାନାଳ ଜିଲ୍ଲାରେ ୪୨୫. ଗଜପତି ଜିଲ୍ଲାରେ ୧୭୭୫, ଜଗତସିଂହପୁର ଜିଲ୍ଲାରେ ୮୦୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୪୨୬, ଝାରସୁଗୁଡା ଜିଲ୍ଲାରେ ୩୪୩, କଳାହାଣ୍ଡି ଜିଲ୍ଲାରେ ୩୧୯, କନ୍ଧମାଳ ୬୯୮, କେନ୍ଦ୍ରାପଡା ଜିଲ୍ଲାରେ ୫୭୪, କେନ୍ଦୁଝର ଜିଲ୍ଲାରେ ୯୩୬, ଖୋର୍ଦ୍ଧା ଜିଲ୍ଲାରେ ୫୩୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୦୦୬ , ମାଲକାନଗିରି ଜିଲ୍ଲାରେ ୭୦୧, ମୟୁରଭଂଜ ଜିଲ୍ଲାରେ ୭୬୪. ନବରଙ୍ଗପୁର ଜିଲ୍ଲାରେ ୩୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୭୭୭, ନୂଆପଡା ଜିଲ୍ଲାରେ ୧୫୮ , ପୁରୀ ଜିଲ୍ଲାରେ ୯୯୨, ରାୟଗଡା ଜିଲ୍ଲାରେ ୧୧୫୪. ସମ୍ବଲପୁର ଜିଲ୍ଲାରେ ୭୩୫. ସୁବର୍ଣ୍ଣପୁର ଜିଲ୍ଲାରେ ୧୧୩ ଓ ସୁନ୍ଦରଗଡ ଜିଲ୍ଲାରେ ୧୭୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ଶ୍ରୀରାମ ମନ୍ଦିର ଶିଳାନ୍ୟାସ ଉତ୍ସବକୁ ...

ମୋଦି ନେତୃତ୍ୱାଧୀନ ଏହି କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତି ତଥା ନରେନ୍ଦ୍ର ମୋଦିଙ୍କର ସାମ୍ବିଧାନିକ ପଦ ମର୍ଯ୍ୟାଦାର ଖୋଲା ଉଲ୍ଲଙ୍ଘନ ଅଟେ। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଜି ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଜୟନ୍ତ ଦାସ, ଜିଲ୍ଲା ସହସମ୍ପାଦକ ଭାଗବତ ପ୍ରତିହାରୀ, ସଦର ଅଞ୍ଚଳ ସମ୍ପାଦକ ଯତୀନ୍ ପାତ୍ର, ସହର କମିଟି ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଉତ୍କଳ ମହିଳା ସମିତିର ବନ୍ଦନା ବିଶ୍ୱାସ, ଆବିଦ ଖାନ, ଦୀନବନ୍ଧୁ ସାହୁ, ମନୋରଞ୍ଜନ ବେହେରା, ଟିପିରୀ ସିଂ, ପ୍ରଭାସ ସିଂ, ମାନସ କୁମାର ଶିଅଳ, ଶଶିକାନ୍ତ ବେହେରା ପ୍ରମୁଖ ଏହି ବିକ୍ଷୋଭ ପରିଚାଳନା କରିଥିଲେ।

## ଭି ଏସ୍ ଏସ୍ ନଗରରେ ନୀରବ ପ୍ରାର୍ଥନା

ଭୁବନେଶ୍ୱର,୫।୮ (ନି.ପ୍ର): କୋଭିଡ ଯୋଦ୍ଧା ମାନଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆଜି ସଂଧ୍ୟା ୬ ଟା ସମୟରେ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କର୍ମକର୍ତା ଓ ସଦସ୍ୟ ମାନେ ନିଜ ନିଜ ଘରେ ଏକ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ଟିଭି ସମ୍ମୁଖରେ ଠିଆ ହୋଇ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । କୋଭିଡ ଯୋଦ୍ଧାଙ୍କୁ ପୂରା ସହଯୋଗ କରିବା ଓ ସମ୍ମାନ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଶପଥ ଗ୍ରହଣରେ ଭାଗ ନେଇଥିଲେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ ନନ୍ଦ, ନିମାଇଁ ଚରଣ ଦାସ, ଶିତଳ ଚନ୍ଦ୍ର ମହାନ୍ତି, ଇଂ ଅକ୍ଷୟ ସାହାଣୀ, ସୁରେଶ ଚନ୍ଦ୍ର କର, ନିତ୍ୟରଞ୍ଜନ ନନ୍ଦ, ଇଂ ନଳିନୀ ମହାନ୍ତି, ପ୍ରେମାନନ୍ଦ ପାତ୍ର, କ୍ଷେତ୍ର ମୋହନ ନାୟକ, ଧରଣୀଧର ରାଉତ ଓ ଧିରେନ୍ଦ୍ରନାଥ ଦାଶ ଆଦି ବହୁ ସଦସ୍ୟ ଓ ନଗରବାସୀ ।

# ଅଯୋଧ୍ୟାରେ ଦିବ୍ୟ ରାମ ମନ୍ଦିର ଶିଳାନ୍ୟାସର ଝଲକ : ମହାଯଜ୍ଞ ଅନୁଷ୍ଠିତ



ନୀଳଗିରି,୫।୮ (ନି.ପ୍ର): ଦୀର୍ଘ ୫୦୦ ବର୍ଷର ସଂଘର୍ଷର ଅନ୍ତ ଘଟି ଆଜି ଯୁଗ ପୁରୁଷ ଶ୍ରୀରାମଙ୍କର ଜନ୍ମ ସ୍ଥାନ ଉତର ପ୍ରଦେଶର ଅଯୋଧ୍ୟା ନଗରୀରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଶିଳାନ୍ୟାସ ହୋଇଯାଇଛି । ଏହି ସ୍ମରଣୀୟ ମୁହୂର୍ତକୁ ଉଜ୍ଜିବିତ ରଖିବା ପାଇଁ ସାରା ଭାରତ ସମେତ ନୀଳଗିରିରେ ଭୂମୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହରର ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦ ଓ ଭାରତୀୟ ଜନତା ଦଳ ଆନୁକୂଲ୍ୟରେ ସର୍ବ ଧର୍ମ ସମନ୍ୱୟରେ ଏକ ବିଶାଳ ଯଜ୍ଞ ଅନୁଷ୍ଠିତ ହୋଇ୍ଯାଇଛି । କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ନିର୍ଦ୍ଦେଶରେ ଏହି ସମାରୋହ ପାଳିତ ହୋଇଥିବା ବେଳେ ଭକ୍ତ ମାନଙ୍କୁ ୬୫୦୦ ରୁ ଉର୍ଦ୍ଧ ଲଡୁ ବଂଟନ କରାଯାଇଥିବା ବେଳେ ଭକ୍ତମାନଙ୍କୁ ପ୍ରସାଦ ମଧ୍ୟ ଯୋଗାଇଦିଆ ଯାଇଥିଲା । କାର୍ଯ୍ୟ କ୍ରମରେ ବହୁ ରାମ ଭକ୍ତ ଯୋଗଦାନ କରି ଭଗବାନ ଶ୍ରୀରାମଙ୍କ ଆର୍ଶିର୍ବାଦ ଭିକ୍ଷା କରିଥିଲେ । ବ୍ରାହ୍ମଣମାନଙ୍କ ମନ୍ତ୍ର ଉଚାରଣରେ ପରିବେଶ ରାମ ମୟ ହୋଇ ଉଠିଥିଲା। ସହରରେ ବିଭିନ୍ନ ସ୍ଥାନରେ ଭଗବାନ ଶ୍ରୀରାମଙ୍କର ବଡ ବଡ ହୋର୍ଡିଂ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟ କ୍ରମରେ ବହୁ ଭକ୍ତଙ୍କର ଜୟ ଶ୍ରୀରାମ ଧ୍ୱନୀ ଗୁଂଜରିତ ହେବା ସହିତ ବିଭିନ୍ନ ସ୍ଥାନରେ ପ୍ରଦୀପ ପ୍ରଜଳନ କରାଯାଇଥିବାର ଦେଖିବାକୁ ମିଳିଥିଲା ।

# ଭଦ୍ରକରେ ପୁଣି ବାହାରିଲେ ୨୨ କରୋନା ଆକ୍ରାନ୍ତ: ଜଗନ୍ନାଥପୁର ଷ୍ଟେଟ ବ୍ୟାଙ୍କ ୪୮ ଘଂଟା ପାଇଁ ବନ୍ଦ

ଭଦ୍ରକ,୫।୮ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ପୁଣି ଚିହ୍ନଟ ହୋଇଛନ୍ତି ଆଉ ୨୨ ନୂଆ ଆକ୍ରାନ୍ତ। ଯାହାକୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୭୩୯ରେ। ସେମାନଙ୍କ ମଧ୍ୟରେ ଜଣେ ମାତ୍ର କ୍ୱାରେଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବା ବେଳେ ବାକି ସମସ୍ତେ ଲୋକାଲ କଣ୍ଟାକ୍ଟ। ଏ ପର୍ଯ୍ୟନ୍ତ ଜିଲ୍ଲାରୁ ୬୦୫ଜଣ ସୁସ୍ଥ ହୋଇସାରିଥିବା ବେଳେ ବାକି ୧୩୨ଜଣ ଆକ୍ଟିଭ ଆକ୍ରାନ୍ତ ଭାବେ ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରୁ ୨ଜଣ ବାଙ୍ଗାଲୋର କମାଣ୍ଡୋ ହସ୍ପିଟାଲରେ ଚିହ୍ନଟ ହୋଇଥିବା ବେଳେ ଜଣେ ବାସୁଦେବପୁର ବ୍ଲକ ବଛଦା ଗ୍ରାମରୁ ଚିହ୍ନଟ ହୋଇଛନ୍ତି, ଯିଏ କି କେନ୍ଦୁଝରରେ ଅଛନ୍ତି। ସେହିଭଳି ତିହିଡି ବ୍ଲକ ଗୁଆମାଳ ସଦାନନ୍ଦପୁର ଭୁୟାଁବାଡ ଗ୍ରାମର ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଯିଏ ଗତ ୪ମାସ ଧରି ନୂଆଦିଲ୍ଲୀରେ ରହୁଛନ୍ତି। ଏମାନଙ୍କ ବ୍ୟତୀତ ଭଦ୍ରକ ପୌରପାଳିକାର ୨ ନଂ ୱାର୍ଡ ବରାଳପୋଖରୀ ଗ୍ରାମରୁ ୨ଜଣ, ୧୨ ନଂ ୱାର୍ଡ ବଙ୍କସାହିରୁ ଜଣେ, ୧୪ ନଂ ୱାର୍ଡ ସନ୍ଥିଆ ନିଳକଣ୍ଠପୁର ଗ୍ରାମରୁ ଜଣେ, ୨୩ ନଂ ୱାର୍ଡ ପୁରୁଣାବଜାର କାଳୀମନ୍ଦିର ଅଞ୍ଚଳରୁ ଜଣେ, ୯ ନଂ ୱାର୍ଡ ଚାରିଘରିଆ ଗ୍ରାମରୁ ଜଣେ, ୨୦ ନଂ ୱାର୍ଡ ଶଙ୍କରପୁର ଗ୍ରାମରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ଗ୍ରାମରୁ ଜଣେ, ଦକ୍ଷିଣବାଡ ଗ୍ରାମରୁ ଜଣେ, ମୋହନପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବା ବେଳେ ବନ୍ତ ବ୍ଲକର କେନ୍ଦୁଆପଦା ଆମ୍ଭୋର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଧାମନଗର ଏନ୍ଏସି ଅନ୍ତର୍ଗତ ବିବିସିସି ବ୍ୟାଙ୍କରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଧାମନଗର ବ୍ଲକର କଟସାହି ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ସହିତ ଜଣେ ଧାମନଗର ହାଇସ୍କୁଲ କ୍ୱାରେଣ୍ଟାଇନ ସେଣ୍ଟରୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟମାନଙ୍କ ମଧ୍ୟରେ ୯ନଂ ୱାର୍ଡ ଜଗନ୍ନାଥପୁର ଷ୍ଟେଟ ବ୍ୟାଙ୍କର କର୍ମଚାରୀ ଥିବାରୁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବ୍ୟାଙ୍କକୁ ୪୮ ଘଣ୍ଟା ପାଇଁ ଶଟ୍ଡାଉନ କରାଯାଇଛି। ପୌରପାଳିକା ପକ୍ଷରୁ ବ୍ୟାଙ୍କକୁ ସାନିଟାଇଜ କରାଯାଉଛି। ଅନ୍ୟପକ୍ଷରେ ଚିହ୍ନଟ ଅଞ୍ଚଳକୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ କଣ୍ଟେନମେଣ୍ଟଜୋନ ଘୋଷଣା କରିଛନ୍ତି।

# ଉଦ୍‌ଘାଟିତ ହେଲା 'ବୈଠକବଙ୍ଗଳା' ଓ ଭଗବାନ ମହାପାତ୍ରଙ୍କ ଜୀବନୀପୁସ୍ତକ 'ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବିକାଠି'

ବାଲେଶ୍ୱର ,୫।୮ (ନି.ପ୍ର): ଜଣେ ବ୍ୟକ୍ତିର ଏକନିଷ୍ଠ ସାଧନା ଓ ନିରନ୍ତର ପ୍ରୟାସ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ । ଯାହାର ଜ୍ୱଳନ୍ତ ଉଦାହରଣ ରୂପ୍ସା ଅଞ୍ଚଳର ବରିଷ୍ଠ ନାଗରିକ ଭଗବାନ ମହାପାତ୍ର ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି । ସେ ଛାତ୍ରଜୀବନରୁ ବହୁ ଦୁଃଖ ଓ ଦାରିଦ୍ର୍ୟକୁ ସମ୍ମୁଖୀନ ହୋଇବି ଦୃଢ଼ ଇଚ୍ଛାଶକ୍ତି ବଳରେ ରୂପ୍ସା ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗଢ଼ି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି । ପରିଣତ ବୟସରେ ନିଜେ ଭଗବାନପୁର ନାମକ ଏକ ଗ୍ରାମ ବସାଇ ସେହିଗ୍ରାମରେ ଏକ 'ବୈଠକୀବଙ୍ଗଳା' ବା ସଭାଗୃହକୁ ତିନିଲକ୍ଷଟଙ୍କା ବ୍ୟୟରେ ନିର୍ମାଣକରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଗତ ପାଞ୍ଚତାରିଖ ପୂର୍ବାହ୍ନରେ ଏହି ବଙ୍ଗଳାକୁ ନବନିଯୁକ୍ତ ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ କବି କାଳୀପଦ ପଣ୍ଡା ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାସହ ଶ୍ରୀ ମହାପାତ୍ରଙ୍କ ଲିଖିତ ଆମ୍ଜୀବନୀ 'ଦୃଢ଼ଇଚ୍ଛାଶକ୍ତି ସଫଳତାର ଚାବିକାଠି'କୁ ଏବଂ ଶ୍ରୀ ମହାପାତ୍ରଙ୍କ ପ୍ରତିଷ୍ଠିତ ଆମ ପରିବାର ଆମ ପଞ୍ଚାୟତ ପତ୍ରିକାର ବ୍ୟାସ ଦେବଜୟନ୍ତୀ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । କୋଭିଡ ନିୟମମାନି, ସାମାଜିକ ଦୂରତା ରକ୍ଷାକରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥିଭାବେ ଗାଳ୍ପିକ ସାନ୍ତନୁ ପଟ୍ଟନାୟକ, ବେତନଟୀ ସି. ଆରସି. ତଥା ପ୍ରବଚକ ବିରଞ୍ଚି ଦାସ, ଗାୟକ ଜୟନ୍ତ ପାଣିଗ୍ରାହୀ, ମୁଦ୍ରକ କିଶୋର ଚନ୍ଦ୍ର ମହାପାତ୍ର, ଲେଖକ ଗୌରହରୀ ପ୍ରହରାଜ, ଗୋବିନ୍ଦ ଶତପଥୀ, ଶ୍ରୀକାନ୍ତ କର ପ୍ରମୁଖ ଯୋଗଦେଇଥିଲେ । ଭାଗବାନପୁର ଗ୍ରାମର ପ୍ରତିଷ୍ଠାତା ଭଗବାନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିରାଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଙ୍ଗୀତ ଶିକ୍ଷକ ରବୀନ୍ଦ୍ର ପଲେଇ ସଙ୍ଗୀତଗାନ କରିଥିଲେ । ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ଆୟଗଡ଼ିଆ ବିକାଶମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଓ ଗଛମଣିଷ ରବୀନ୍ଦ୍ର ବେହେରା (ବାଇନ) ବୃକ୍ଷରୋପଣ କରିଥିବାବେଳେ ଜଗଦୀଶଚନ୍ଦ୍ର ପଟ୍ଟନାୟକ ବିବରଣୀ ପାଠ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମ୍ୟବ୍ୟାଙ୍କ ଓଲମରା ଶାଖାରେ କର୍ମଚାରୀ ମରୁଡି : ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୫।୮ (ନି.ପ୍ର): ଅରଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳରେ ବ୍ୟାଙ୍କ ସେବାର ବିଶେଷ ସୁବିଧା ନ ଥିବା ବେଳେ ଓଲମରାସ୍ଥିତ ଗ୍ରାମ୍ୟବ୍ୟାଙ୍କ ଚାଲିଛି ମାତ୍ର ୨ଜଣ କର୍ମଚାରୀରେ । ଏହି ଶାଖା ଦ୍ୱାରା ଓଲମରା, ସର୍ଦ୍ଦାରବନ୍ଧ, ମାକିଡିଆ ଫଂଚାୟତର ଅଧିବାସୀମାନେ ଟଙ୍କା ଦେଣନେଣ କରିଥାନ୍ତି। ଏକ ତଥ୍ୟରୁ ପ୍ରକାଶ ଏହି ବ୍ୟାଙ୍କ ଜରିଆରେ ପ୍ରାୟ ୨୭ କୋଟିରୁ ଅଧିକ ଟଙ୍କା ଦେଣନେଣ ହୋଇଥାଏ। ଏଠାରେ ନୂତନ ପାସ୍‌ବୁକ୍ ଖୋଲିବ, ଦୈନିକ ଟଙ୍କା ଜମା ନେବା, ୨୫ଟି ନୂଆପାସ୍‌ବୁକ୍ ଖୋଲିବା, ୬ରୁ ଉର୍ଦ୍ଧ ସ୍ଥାୟୀ ଜମା ରଖିବା, ୫ରୁ ଅଧିକ ବ୍ୟକ୍ତି ଋଣ ନେବା, ଏସ୍ଏଚ୍‌ଜି ମାନଙ୍କର ଟଙ୍କା ଦେଣନେଣ ଇତ୍ୟାଦି ଗୁରୁ ଦାୟିତ୍ୱ ଥିବା ବେଳେ ସେଠାରେ ମ୍ୟାନେଜର ଓ ଅନ୍ୟଜଣେ କିରାଣୀ ସେବା ଯୋଗାଇବାକୁ ଅଛନ୍ତି । ଦୂରଦୂରାନ୍ତରୁ ଗ୍ରହକମାନେ ଆସି ସେବା ନ ପାଇବା ବା ବିଳମ୍ବରେ ସେବା ପାଇବା ଯୋଗୁଁ ଅସନ୍ତୋଷ ବଢି ଚାଲିଛି । କରୋନା ସଂକ୍ରମଣ ସମୟରେ ଦୀର୍ଘ ସମୟ ଅପେକ୍ଷା କରିବାରୁ ଗ୍ରାହକ ମାନଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା ହେବା ଅସମ୍ଭବ ହୋଇ ପଡୁଛି ଓ ଲୋକମାନେ ଦୀର୍ଘ ସମୟ ଲମ୍ବାଧାଡିରେ ଛିଡା ହେବାକୁ ବାଧ୍ୟ ହେଉଛନ୍ତି । ତେଣୁ ଓଲମରା ସରପଂଚ ଯତିନ୍ଦ୍ର ମହାନ୍ତି, ପୂର୍ବତନ ସରପଂଚ ବ୍ରିଜେସ୍ ରଣା, ମାକିଡିଆ ସରପଂଚ ବଳରାମ ବର୍ଷାଳ, ସଦନର୍ଦ୍ଦାରବନ୍ଧ ସରପଂଚ ଦିଲ୍ଲିପ ସାମଲ ସହିତ ଧିରେନ୍ଦ୍ର ନାଥ ଦତ୍ତ, ବଂଶୀଧର ଦାସ, ରାଖାଲ ନାୟକ, ଧନଞ୍ଜୟ ଦତ୍ତ, ଦିଲ୍ଲିପ ଅଧିକାରୀ, ତାପସ ମହାନ୍ତି, ସୁବ୍ରତ ବେହେରା, ପ୍ରଭାକର ଚାନ୍ଦ, ପ୍ରଦୀପ ସାହୁ, ସୂର୍ଯ୍ୟକାନ୍ତ ଘୋଷ, ଦେବେନ୍ଦ୍ର ନାୟକ, ତାରାକାନ୍ତ ଘରାଇ, ସୃଷ୍ଟିଧର ପାତ୍ର, ବିଶ୍ୱନାଥ ବେହେରା ପ୍ରମୁଖ ବାଲେଶ୍ୱର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ରକ୍ଷା ବନ୍ଧନ ଉତ୍ସବ ପାଳିତ




ଉଦଳା ,୫।୮ (ନି.ପ୍ର): ଗୋପବନ୍ଧୁ ସେବା ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଭରସା ଓ ବିଶ୍ୱାସର ପର୍ବ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ବୃକ୍ଷହିଁ ସମସ୍ତ ପ୍ରାଣୀଙ୍କ ରକ୍ଷା କବଚ ଏବଂ ଜୀବନ ଜୀବିକାର ଭରସା, ବିଶ୍ୱାସ । ତେଣୁ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ୍ ର ସଭାପତି ପ୍ରମିଳା ପଣ୍ଡା, ସମ୍ପାଦକ ଆଇନ୍‌ଜୀବୀ ବସନ୍ତ କୁମାର ପରିଡ଼ା, ସଦସ୍ୟ ଶରତ ଚନ୍ଦ୍ର ଦାସ ଏବଂ ଅନିତା ବିଶ୍ୱାଳ ରାସ୍ତା ପାର୍ଶ୍ୱରେ ଥିବା ଅଂଳା ବୃକ୍ଷରେ ରାକ୍ଷୀ ବାନ୍ଧିବା ସହିତ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ଲଗାଇବା ସହିତ ତାର ଯତ୍ନ ନେବା ଆବଶ୍ୟକ, ବୃକ୍ଷ ବିନା ଜୀବନ ଅସମ୍ଭବ, ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବୃକ୍ଷର ଆବଶ୍ୟକତା ରହିଛି, ବୃକ୍ଷ ଆମର ପିତା ମାତା ବନ୍ଧୁ ଏବଂ ଭ୍ରାତା ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଟ୍ରଷ୍ଟ୍‌ର କାର୍ଯ୍ୟକାରୀ ସମ୍ପାଦକ ସୁବ୍ରତ କୁମାର ମହାନ୍ତି ଏବଂ ପରାମର୍ଶଦାତା ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାମୂହିକ ଦୀପଦାନ

ବାଲେଶ୍ୱର,୫।୮ (ନି.ପ୍ର): ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ଶିଳନ୍ୟାସ ଉତ୍ସବକୁ ନେଇ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆଜି ସଂଧ୍ୟାରେ ବାଲେଶ୍ୱର ସହରର ଫକୀର ମୋହନ ଗୋଲେଇଠାରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ୫୦୮ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଥିଲେ। ଭଜନ କୀର୍ତ୍ତନ ସହ ମହିଳାମାନେ ଶଂଖଧ୍ୱନି ଓ ହୁଳହୁଳି ପକାଉଥିବା ଲକ୍ଷ୍ୟ କରାଯାଇଥିଲା। ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରିୟ ସମ୍ପାଦକ ଗୌରୀପ୍ରସାଦ ରଥ, ଡକ୍ଟର ବିଜୟ କୁମାର ମିଶ୍ର, ଜ୍ଞାନରଂଜନ ଦାଶ, ଡକ୍ଟର ରମାକାନ୍ତ ବେହେରା, ଭଗବାନଦାସ ଖଣ୍ଡେଲୱାଲ, ଇଂ ଧରଣୀଧର ମିଶ୍ର, ସୁଧାକର ପାଢ଼ୀ, ଗିରିଜା ଶଙ୍କର ଆଚାର୍ଯ୍ୟ ପ୍ରମୁଖ ବରିଷ୍ଠ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁର୍ଗା ବାହିନୀ, ବଜରଙ୍ଗ ଦଳ, ମାତୃଶକ୍ତି ତଥା ଜିଲ୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତି ଓ ଧାର୍ମିକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କରୋନା ଯୋଦ୍ଧାଙ୍କୁ ପ୍ରତ୍ସାହନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିବେଦନ : ବିଭିନ୍ନ ସ୍ଥାନରେ ଶପଥପାଠ

ଜଳେଶ୍ୱର,୫।୮ (ନି.ପ୍ର): ଆଜି ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଯୋଦ୍ଧାମାନଙ୍କ ଅବଦାନ ଓ ସେମାନଙ୍କୁ ପ୍ରତ୍ସାହନ ଲାଗି ଏକ ଶପଥପାଠ ଲାଗି ନିବେଦନ କରିଥିଲେ । ଏହାର ପ୍ରଭାବ ଆଜି ଜଳେଶ୍ୱରର ବିଭିନ୍ନ ସ୍ଥାନରେ ପଡିଛି । ଜଳେଶ୍ୱର ଏସ୍‌ଡିପିଓ ଙ୍କ କାର୍ଯ୍ୟାଳୟରେ ଏସ୍‌ଡିପିଓ ଅଂକିତା କୁମ୍ଭାର ଏହି ଶପଥପାଠ କରାଇଥିଲେ । ସେହିପରି ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ମଧ୍ୟ କର୍ମଚାରୀ ମାନଙ୍କୁ ଶପଥପାଠ କରାଇବାବେଳେ ପ୍ରଣବ ବେହେରା, ପ୍ରଦୀପ ବେହେରା, ଭରତ ମହାନ୍ତି, ମନୋରଂଜନ ପରିଡା ପ୍ରମୁଖ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଜଳେଶ୍ୱର ବଡବଜାର ନିକଟରେ ଏପରି କାର୍ଯ୍ୟକ୍ରମରେ ଗୋବିନ୍ଦ ସାହୁ, ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ସେକ୍ ହାସିରୁଦ୍ଦିନ ବକ୍ସ, ଅଜୟ ଗିରି, ରଂଜିତ୍ ମହାପାତ୍ର, ଶ୍ରୀକାନ୍ତ ମହାନ୍ତି, ମଧୁସୂଦନ ଦତ୍ତ, ସେକ୍ ମୁଜାଫର ବକ୍ସ, ଅରଖିତ ସାହୁ, ଅବଦୁଲ ହାକିମ, ଚନ୍ଦନ କର ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ତହସିଲଦାର କ୍ଷିରୋଦ କୁମାର ପଣ୍ଡା ଏହି ଶପଥପାଠ କରାଇଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଆଶୁ ଆରୋଗ୍ୟ କାମନା କରି ଜଗନ୍ନାଥ ମନ୍ଦିରରେ ପୂଜା

ନୀଳଗିରି,୫।୮ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଶୁ ଆରୋଗ୍ୟ କାମନା କରି ନୀଳଗିରି ବିଜେପି ପକ୍ଷରୁ ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଦୀପ ପ୍ରଦାନ କରାଯାଇଛି । ଧର୍ମେନ୍ଦ୍ର କରୋନା ସଂକ୍ରମିତ ହେବା ପରେ ସେ ଏବେ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରି ନୀଳଗିରି ସୁକାନ୍ତ କୁମାର ନାୟକ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସମେତ ବହୁ ବିଜେପି ନେତୃବୃନ୍ଦ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଶ୍ରୀରାମ ମନ୍ଦିର ଶିଳାନ୍ୟାସ ଉତ୍ସବକୁ ସିପିଆଇର ପ୍ରତିବାଦ

ବାଲେଶ୍ୱର,୫।୮ (ନି.ପ୍ର): ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାମମନ୍ଦିର ଶିଳାନ୍ୟାସ ଦେବା କାର୍ଯ୍ୟକ୍ରମକୁ ସିପିଆଇ ପକ୍ଷରୁ ଦୃଢ଼ ପ୍ରତିବାଦ କରି ବାଲେଶ୍ୱର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୂଚନାଯୋଗ୍ୟ ଯେ ନିଜେ ପ୍ରଧାନମନ୍ତ୍ରୀ ଓ ତାଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର କରୋନା ମହାମାରୀ ନିୟନ୍ତ୍ରଣ ଆଳ ଦେଖାଇ ସମଗ୍ର ଭାରତରେ ସଟ୍‌ଡାଉନ୍, ଲକ୍‌ଡାଉନ୍, କଣ୍ଟେନମେଣ୍ଟ ନାମରେ ସମଗ୍ର ଦେଶରେ ସମସ୍ତ ରାଜନୈତିକ ଓ ଧର୍ମୀୟ କାର୍ଯ୍ୟକ୍ରମ ଉପରେ ଅଙ୍କୁଶ ଲଗାଇଛନ୍ତି। ଘରୁ ବାହାରିଲେ ଜୋରିମାନା, ମୁହଁରେ ତୁଣ୍ଡି ନବାନ୍ଧିଲେ ଜୋରିମାନା, ଜନଗଣଙ୍କ ଜୀବନ ଜୀବିକାର ଦାବି ଉଠାଇଲେ ମୋକଦ୍ଦମା ଓ ଜୋରିମାନା, ମୁହଁ ଖୋଲିଲେ ଜୋରିମାନା। କୋଟିକୋଟି ପ୍ରବାସୀ ଶ୍ରମିକଙ୍କ ଜୀବନ ଜୀବିକା ଛଡ଼ାଇନେଇ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ସେମାନେ ଘରବାହୁଡ଼ା ବେଳେ ତାଙ୍କ ଉପରେ କଟକଣା, ପୋଲିସ ଅତ୍ୟାଚାର ଓ ଜୋରିମାନା ନିଆଯାଇଛି। ଜନଗଣଙ୍କ ଜୀବନ ଜୀବିକାର ଦାବିନେଇ ସାଂକେତିକ ପ୍ରତିବାଦ ଅଥବା ଦାବି ଉପସ୍ଥାପନ ବେଳେ ରାଜନୈତିକ ଓ ସାମାଜିକ କର୍ମୀ ଶ୍ରମିକ ସଂଗଠନ କର୍ମୀ ଓ ଅନ୍ୟାନ୍ୟ ସଂଗଠନ କର୍ମୀଙ୍କ ବିରୋଧରେ ମୋକଦ୍ଦମା ସହ ସରକାର। ଜୋରିମାନା ଆଦାୟ କରୁଛନ୍ତି ବୋଲି ସିପିଆଇ କର୍ମୀମାନେ ଆରୋପ ଉଠାଇଛନ୍ତି। ସ୍ୱାସ୍ଥ୍ୟସେବାକୁ ଘରୋଇ କମ୍ପାନୀଙ୍କ ପାଦତଳେ ସମର୍ପିଦେଇ ଆବଶ୍ୟକୀୟ ଚିକିତ୍ସା ନଦେଇ ଗଣହତ୍ୟା କରୁଛନ୍ତି ସରକାର। ଠିକ୍ ଏହି ପୃଷ୍ଠଭୂମିରେ ଖୋଦ୍ ପ୍ରଧାନମନ୍ତ୍ରୀ ଆଜି ଅଗଷ୍ଟ ୫ରେ ଅଯୋଧ୍ୟାକୁ ୨ଶହରୁ ଅଧିକ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିବା ସହ ହଜାର ହଜାର ଭକ୍ତ ସମାଗମରେ ନିଜେ ଶିଳାନ୍ୟାସ କଲେ। ସମଗ୍ର ଦେଶରେ ନିଜ ଭକ୍ତଙ୍କ ଦ୍ୱାରା ଦିଆ ଜଳାଇବାର ରାଜନୈତିକ ଅଭିଯାନ ଚଳାଇଲେ। ▶▶ପୃଷ୍ଠା ୭

# ଅଣଆୟତ୍ତ ସ୍ଥିତିମୁହାଁ ବାଲେଶ୍ୱର

## ୧୧୫୯ଛୁଇଁଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୫।୮ (ନି.ପ୍ର): ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ଅଣଆୟତ୍ତ ସ୍ଥିତିକୁ ଯାଉଥିବା ବେଳେ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯ ଲକ୍ଷ ଟପିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୯ ହଜାର ୮୨୦ରେ ପହଞ୍ଚିଛି। ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩୩୭ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୯ହଜାର ୦୧୮ଛୁଇଁଛି। ତେବେ ଅଦ୍ୟାବଧି ୨୫,୭୩୮ଜଣ ସୁସ୍ଥ ହୋଇଥିବା ନେଇ ସରକାରୀ ଭାବେ କୁହାଯାଉଥିବା ବେଳେ ଏକ୍ଟିଭ୍ ଥିବା ୧୩,୦୧୧ଜଣ ଆକ୍ରାନ୍ତଙ୍କୁ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆଜି ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୨୨୫ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଉଛି। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୫୯ରେ ପହଞ୍ଚିଛି। ଅଦ୍ୟାବଧି ୮୫୬ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୯୭ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ପିଜିଟିଭ୍‌ଙ୍କ ମଧ୍ୟରୁ ୩ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ଅନ୍ୟ ୨୮ଜଣ ସ୍ଥାନୀୟ ସଂକ୍ରମଣ ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି। ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ସ୍ଥାନୀୟ କରୋନା ସଂକ୍ରମଣ ଯୋଗୁଁ ବାଲେଶ୍ୱରର ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ୱନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ପ୍ରେମ ବିବାହକୁ ନେଇ ଛକାପଂଝା: ଗାଁରେ ଉତ୍ତେଜନା

ଜଳେଶ୍ୱର,୫।୮ (ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ମହୁଲକୋଲି ଗାଁର ଜଗବଂଧୁ ଜେନାଙ୍କ ପୁଅ ସ୍ୱାଧିନ ଜେନା ସହିତ ଶ୍ରୀରାମପୁର ଗାଁର ଲକ୍ଷ୍ମୀଧର ମଲ୍ଲିକଙ୍କ ଝିଅର ପ୍ରେମ ବିବାହ ଜଳେଶ୍ୱର ନୋଟାରୀରେ ଏଫିଡେଭିଟ୍ ହୋଇଥିଲା। କିନ୍ତୁ ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ଛକାପଂଝା ଓ ଥାନାରେ ମାମଲା ହୋଇଥିବା ବେଳେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷ୍ମୀଧର ମଲ୍ଲିକ ଓ କେତେକ ସହଯୋଗୀ ଦୀନବଂଧୁ ଜେନାଙ୍କ ଘରେ ପହଞ୍ଚି ବାକ୍ ବିତଣ୍ଡା ଓ ଠେଲାପେଲା କରିଥିଲେ। ଶେଷରେ ରାଇବଣିଆ ପୋଲିସ୍ ଘଟଣା ସ୍ଥଳକୁ ଯାଇ ସମାଧାନ କରିଥିଲା। ଏବଂ ଘଟଣା ସ୍ଥଳରୁ ଏକ ସୁନାହାର ଲୋଟ ହୋଇଥିବା ଅଭିଯୋଗ ହୋଇଥିବାର ଦୀନବଂଧୁ ଜେନାରେ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାରଙ୍କୁ ପଚାରିବାରୁ ସେ କହିଲେ ଗତକାଲି ରାଇବଣିଆରେ ଗଣ୍ଡଗୋଳ ଘଟିବା ଓ ଘଟଣା ସ୍ଥଳକୁ ପୁଲିସ୍ ଯିବା ସତ୍ୟ ଅଟେ। ଏ ସଂପର୍କରେ ତଦନ୍ତ ଜାରି ରହିଛି ବୋଲି କହିଥିଲେ।

# ପତଞ୍ଜଳୀ ପରିବାର ପକ୍ଷରୁ ଜଡ଼ିବୁଟି ଦିବସ ପାଳିତ



ଉଦଳା ,୫।୮ (ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ପତଞ୍ଜଳୀ ପରିବାର ପକ୍ଷରୁ ଚଳିତ ଅଗଷ୍ଟ ୪ ତାରିଖ ମଙ୍ଗଳବାର ଦିନ ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନା ଚକ୍ର ଓ ବିଭିନ୍ନ ଔଷଧିୟ ବୃକ୍ଷର ରୋପଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ବିକ୍ରମ ସମ୍ୱତ୍ ୨୦୭୪ ଶ୍ରାବଣ କୃଷପକ୍ଷ ପ୍ରତିପଦା ତିଥିରେ ଆଚାର୍ଯ୍ୟ ବାଳକୃଷ୍ଣଜୀଙ୍କର ଜନ୍ମତିଥି ପଡୁଥିବାରୁ ଏହି ଦିବସଟିକୁ ପତଞ୍ଜଳୀ ପରିବାର ଜଡ଼ିବୁଟି ଦିବସ ରୂପେ ପାଳନ କରାଯାଇ ଆସୁଅଛି ବୋଲି, ପତଂଜଳୀ ଯୋଗ ସମିତିର ଜିଲ୍ଲା ପ୍ରଭାରୀ ଜୟଗୋପାଳ ରାୟ ପ୍ରକାଶ କରିଥିଲେ। ଏହା ପରେ ଔଷଧିୟ ବୃକ୍ଷ ଯଥା, ଘୃତକୁମାରୀ, ତୁଳସୀ, ଲିମ୍ବ, ଗିଲୋୟ, ଅଂଳା ପ୍ରଭୃତି ରୋପଣ କରାଯାଇଥିଲା। ଭାରତ ସ୍ୱାଭିମାନ ଟ୍ରଷ୍ଟର ପ୍ରଭାରୀ ବ୍ରହ୍ମାନନ୍ଦ ନାୟକ, ମହିଳା ଯୋଗ ସମିତିର ସାମାଜିକ ଗଣମାଧ୍ୟମ ପ୍ରଭାରୀ ଅନିତା ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।

# ମୌଳିକ ସୁବିଧାରୁ ବଞ୍ଚିତ କଣ୍ଟେନମେଣ୍ଟ ଜୋନବାସୀ !

## ଅବହେଳାକୁ ନେଇ ସାନଦହପଡ଼ାରେ ଉତ୍ତେଜନା

ବାଲେଶ୍ୱର,୫।୮ (ନି.ପ୍ର): କଣ୍ଟେନମେଣ୍ଟ ଜୋନ୍‌ରେ ଥିବା ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନରେ ଅବହେଳାକୁ ନେଇ ଆଜି ସାନଦହପଡ଼ାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବାଲେଶ୍ୱର ସହର ଉପକଣ୍ଠ ସାନଦହପଡ଼ାରେ ୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ପରେ ଗତ ୩୦ ତାରିଖ ମଧ୍ୟାହ୍ନ ୧୨ଟାରୁ ୬ ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିଲା। ସେହିକ୍ରମରେ ସାନଦହପଡ଼ାର ସମସ୍ତ ପ୍ରବେଶପଥ ସିଲ ସହ ପୁଲିସ ୨୪ ଘଣ୍ଟିଆ ଡ୍ୟୁଟି କଲେ। କଣ୍ଟେନମେଣ୍ଟ ଜୋନରୁ କାହାରିକୁ ବାହାରକୁ ଆସିବାକୁ ଦିଆଯାଉ ନଥିଲା କିମ୍ବା ବାହାରୁ ମଧ୍ୟ କାହାକୁ ସମ୍ପୃକ୍ତ ଅଞ୍ଚଳକୁ ପ୍ରବେଶ କରାଇ ଦିଆଯାଉ ନଥିଲା। ଅତ୍ୟାବଶ୍ୟକ ସାମଗ୍ରୀ, ଆଇନଶୃଙ୍ଖଳା, ସ୍ୱାସ୍ଥ୍ୟ ଓ ଚିକିତ୍ସା ଆବଶ୍ୟକତା, ସ୍ୱଚ୍ଛତା କାର୍ଯ୍ୟ ଆଦି ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ କଣ୍ଟେନମେଣ୍ଟ ଜୋନରେ ରହୁଥିବା ପରିବାରଙ୍କୁ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସେବା ଯୋଗାଇ ଦେବା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରଶାସନ ପକ୍ଷର ନିର୍ଦ୍ଦେଶ ରହିଥିଲା। ମାତ୍ର ଗତ ୩୦ ତାରିଖରୁ ସମ୍ପୃକ୍ତ ପରିବାରଙ୍କୁ ସେବା ପ୍ରଦାନରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀମାନେ। ଆଜି ସକାଳେ କଣ୍ଟେନମେଣ୍ଟ ଜୋନର ପ୍ରବେଶ ପଥ ବାଡ଼ ନିକଟକୁ ଆସି ପାଟିତୁଣ୍ଡ କରିବା ସହ ଶୀଘ୍ର ସେମାନଙ୍କୁ ମୁକ୍ତ କରିବା ପାଇଁ ଦାବି କରିଥିଲେ। ଏହି ଅଞ୍ଚଳରେ ରହୁଥିବା ଗରିବ ପରିବାରମାନେ ଖାଇବାକୁ ନ ପାଇ ଢୋକ ଉପାସରେ ଆଉଟୁ ପାଉଟୁ ହେଉଥିବା ବେଳେ ପ୍ରଶାସନ ସେମାନଙ୍କ କଥା ଆଦୌ କର୍ଣ୍ଣପାତ କରୁ ନାହିଁ ବୋଲି ସେମାନେ କହିଥିଲେ। ଏମିତିକି ଜିଲ୍ଲାପାଳଙ୍କ କ୍ଷମତା ପାଇଥିବା ସରପଞ୍ଚ ସେମାନଙ୍କୁ ଆଦୌ ସହଯୋଗ ନ କରିବା ବେଢ଼ି ଉପରେ କରୋଡ଼ା ମାଡ଼ ସଦୃଶ ହୋଇଛି ବୋଲି ଉତ୍ୟକ୍ତ ଲୋକେ କହିଥିଲେ। ଏ ସମ୍ପର୍କରେ ଜାଣିବାକୁ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଧରାଛୁଆଁ ଦେଇ ନଥିଲେ। ଖବର ପାଇ ସହଦେବଖୁଣ୍ଟା ଥାନା ପୁଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସରପଞ୍ଚଙ୍କ ଦ୍ୱାରା ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଶଶୁର ଘରେ ଜ୍ୱାଇଁଙ୍କୁ ଭାଲୁ ଆକ୍ରମଣ

ନୀଳଗିରି,୫।୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଂଚଳରେ ଭାଲୁଟି ଯୁବକକୁ କାମୁଡି ଥିବାବେଳେ ଯୁବକ ଜଣକ ଜୀବନ ବିକଳରେ ଚିତ୍କାର କରୁଥିଲା। ଘଟଣା ସ୍ଥଳରେ ଏକ କୁକୁର ପହଂଚି ଭାଲୁକୁ ଆକ୍ରମଣ କରିବାରୁ ଭାଲୁଟି ଯୁବକକୁ ଛାଡି ଜଙ୍ଗଲକୁ ପଳାଇ ଥିଲା। ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ ମିତ୍ରପୁର ଅଂଚଳର ଚଛୁରୀଖୁଂଟା ଗ୍ରାମର ଛବି ସିଂ (୩୬) ରାକ୍ଷୀପୂର୍ଣ୍ଣିମା ଅବସରରେ ଜଡିଦା ଗ୍ରାମ ପଂଚାୟତର ଡେଙ୍ଗାସାହି ଗ୍ରାମର ଶଶୁର ଘରକୁ ଯାଇଥିଲେ। ପୂର୍ବାହ୍ନରେ ଛବି ଶଶୁର ଘର ନିକଟରେ ଥିବା ପଡିଆକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଭାଲୁଟି ଅତର୍କିତ ଭାବେ ଭାଲୁଟି ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ୧୦୮ ଯୋଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ଜଣା ପଡିଛି। ଯୁବକର ଜଙ୍ଘ ଓ ହାତରେ ଗଭୀର କ୍ଷତ ହୋଇଥିବାର ଜଣାଯାଇଛି।

## ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଶ୍ରୀ ବିଷ୍ଣୁପଦ ସେଠୀ

ଭୁବନେଶ୍ୱର ,୫।୮ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଶ୍ରୀ ବିଷ୍ଣୁପଦ ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ଅନନ୍ତ ବିଜୟ ପଟ୍ଟନାୟକ ତାଙ୍କ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ସଂସ୍କୃତି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାବେଳେ ରାଜ୍ୟର ଐତିହ୍ୟର ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିବାକୁ ହେବ ବୋଲି କହିଥିଲେ। ଆଗାମୀ ଦିନରେ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଓ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ କହିଥିଲେ।

# ବିଜେପି ପକ୍ଷରୁ ବାଲେଶ୍ୱରରେ ଶ୍ରୀରାମ ଉତ୍ସବ



ବାଲେଶ୍ୱର,୫।୮(): ଦୀର୍ଘବର୍ଷର ଉଦ୍ୟମ ଓ ସାଧନାର ଫଳ ସ୍ୱରୂପ ଆଜି ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ଦେଇଥିବା ବେଳେ ଏହାକୁ ନେଇ ସମଗ୍ର ଦେଶରେ ଉତ୍ସବ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ମଧ୍ୟ ଉତ୍ସବ ମୁଖର ହୋଇ ଉଠିଥିବା ଲକ୍ଷ୍ୟ କରାଯାଇଛି। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଶହୀଦ ପାର୍କଠାରେ ଏକତ୍ରିତ ହୋଇ ଦୀପଦାନ ସହିତ ଜନସାଧାରଣଙ୍କୁ ମିଷ୍ଟାନ୍ନ ବାଣ୍ଟିଥିଲେ। ଅନୁରୂପ ଭାବେ ବିଜେପି ସଦର ଶାଖା ପକ୍ଷରୁ ଦିବଂଗତ ବିଧାୟକଙ୍କ ପୁତ୍ର ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଜିଲ୍ଲାସ୍କୁଲ ରୋଡ଼୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଅଖଣ୍ଡ ଦୀପ ପ୍ରଜ୍ୱଳନ ସାଙ୍ଗକୁ ରାମଧ୍ୱନିରେ ବିଜେପି ସଦର କାର୍ଯ୍ୟାଳୟ ବେଶ୍ ମୁଖରିତ ହୋଇ ଉଠିଥିବା ଲକ୍ଷ୍ୟ କରାଯାଇଥିଲା। ସକାଳନ ୯ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ୧୯୯୦ ଓ ୧୯୯୨ ମସିହାର ରାମମନ୍ଦିର ଆନ୍ଦୋଳନରେ ସାମିଲ ହୋଇଥିବା ଜୀବନ ପାତ୍ର, ଲୋକନାଥ ପିରି, ବୁଲୁ ରାୟ ପ୍ରମୁଖ କରସେବକଙ୍କୁ ସମର୍ଦ୍ଧିତ କରାଯାଇଥିଲା। କରସେବକ ଭାବେ ଦିବଂଗତ ବାଲେଶ୍ୱର ସଦର ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ଉଦ୍ଦେଶ୍ୟରେ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ସୁଷମାରାଣୀ ବିଶ୍ୱାଳ, ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ବୈଲୋଚନ ଦାଶ, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ ପ୍ରମୁଖ କର ସେବକମାନଙ୍କୁ ପୁଷ୍ପମାଳା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ପ୍ରସାଦ ଭାବେ ରାମ ଖେଚୁଡ଼ି ବଣ୍ଟନ କରାଯାଇଥିଲା।

# ରାଇବଣିଆ ଛକରେ ଓଲଟିଲା ସିମେଣ୍ଟ ଟ୍ରକ୍ : ଉଦ୍ଧାର ହେଲେ ୨ ନାବାଳକ ହେଲପର



ଜଳେଶ୍ୱର,୫।୮ (ନି.ପ୍ର): ଗତ ସୋମବାର ବିଳମ୍ବିତ ରାତିରେ ବାଲେଶ୍ୱରରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ହାତୀଗଡ ଆସୁଥିବା ବେଳେ ରାଇବଣିଆ ଛକଠାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଏହା ମଙ୍ଗଳବାର ଭୋର ହୋଇଥିବାରୁ ସ୍ଥାନୀୟ ଲୋକେ ଦୌଡି ଆସି ଟ୍ରକ୍‌ର ଡ୍ରାଇଭର ଓ ହେଲପର ମାନଙ୍କୁ ଉଦ୍ଧାର କରିଥିଲେ। ପ୍ରକାଶଯୋଗ୍ୟ ଏହି ଟ୍ରକ୍‌ରୁ ୨ଜଣ ନାବାଳକ ହେଲପରକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମଟର ଟ୍ରାନ୍ସପୋଟ ବିଭାଗର ଏଥିପ୍ରତି ନଜର ରହୁନଥିବାରୁ ନାବାଳକମାନେ ଗାଡି ଚଳାଇବା, ହେଲପର ଭାବେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଟ୍ରକ୍‌ର ନମ୍ବର ଓଆର୍‌୦୯-୯୦୬୧। ଡ୍ରାଇଭରର ନାମ ଦେବେନ୍ଦ୍ର ସିଂ।

# ଯୋଦ୍ଧାଙ୍କ ପାଇଁ ଦିନଟିଏ : ପାରାଦ୍ୱୀପ ପୋଲିସ ଓ ବନ୍ଦର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ





ପାରାଦ୍ୱୀପ ,୫।୮ (ନି.ପ୍ର): ମହାମାରୀ କୋରୋନା ବିରୁଦ୍ଧରେ ଲଢୁଥିବା ଯୋଦ୍ଧା ମାନଙ୍କ ନିମନ୍ତେ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା ଓ ଶପଥ ପାଠ କରେଇବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ। ଏହି କ୍ରମରେ ପାରାଦ୍ୱୀପ ଆଦର୍ଶ ଥାନା ପରିସରରେ ଶପଥ ପାଠ ଓ ନିରବ ପ୍ରାର୍ଥନା ଇନ୍‌ସପେକ୍ଟର ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପାରାଦ୍ୱୀପ ଆଦର୍ଶ ଥାନାର କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ ଥାନା ଅଧିକାରୀ ଶ୍ରୀ ସାମଲ। କୋରୋନା ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ବିଭିନ୍ନ ଥାନାର ଅଧିକାରୀ ଓ କର୍ମଚାରୀ ମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ପୋଲିସ କର୍ମଚାରୀ। ସେହିପରି ପାରାଦ୍ୱୀପ ବନ୍ଦର ପ୍ରଶାସନ ଭବନ ପରିସରର ରେ ଯୋଦ୍ଧାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ଦର ଅଧକ୍ଷ ରିଙ୍କେଶ ରଏଙ୍କ ନେତୃତ୍ୱରେ ବନ୍ଦର ବିଭାଗୀୟ ମୁଖ୍ୟ ଓ ଅଧିକାରୀ ମାନେ ଯୋଗଦେଇ ନୀରବ ପ୍ରାର୍ଥନା ଓ ଶପଥ ପାଠ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# କଣ୍ଟେନ୍‌ମେଣ୍ଟ ସତ୍ତ୍ୱେ ଅମାନିଆ ଯାଉଛନ୍ତି ପର୍ଶ୍ଚିମବଂଗ : ସ୍ୱାସ୍ଥ୍ୟ ବିଭାଗର ଘରକୁଘର ସର୍ଭେ



ଜଳେଶ୍ୱର,୫।୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ମାକିଡିଆ ପଂଚାୟତଟି ପର୍ଶ୍ଚିମବଂଗର ଦାନ୍ତୁନ ସୀମାକୁ ଲାଗି ରହିଛି। ପଂଚାୟତରେ ୧୭ଟି କରୋନା ପଜେଟିଭ୍ ବାହାରିବାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ତହସିଲଦାର ରବିବାର ମଧ୍ୟରାତ୍ରରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲେ। ଫଳରେ ଏହି ପଂଚାୟତର ଓଲମରା- କୁଅଁରପୁର, ମାଜଣାସାହି ରାସ୍ତା, ବେହେରାଛକ, ମଧୁସୂଦନ ପାଳ ରାସ୍ତା, ପ୍ରଧାନସାହି ଛକ, ଅର୍ଦ୍ଧହଶୁପାଳ ଛକ, ମାକିଡିଆ ପଂଚାୟତ ଛକ ଓ କୁଁରପୁରର ମୁଖ୍ୟ ରାସ୍ତାରେ ବ୍ୟାରିକେଟ କରାଯାଇଛି। ଏହି ପଂଚାୟତକୁ ଲାଗି ସୁବର୍ଣ୍ଣରେଖା ନଦୀର ଅପରପଟରେ ପର୍ଶ୍ଚିମବଂଗର ଦାନ୍ତୁନ ସହର ସହିତ ଏ ଅଂଚଳର ଲୋକଙ୍କ ସିଧାସଳଖ ସଂପର୍କ ଥିବାରୁ ବଜାର ବ୍ୟବସାୟ ଲାଗି ଦୁଇ ଅଂଚଳର ଲୋକେ ପ୍ରତିଦିନ ଯାତାୟାତ କରିଥାନ୍ତି। ଏବେ ହୋଇଥିବା ୮ଟି ବ୍ୟାରିକେଟ ରାସ୍ତାରେ ବହୁ ଲୋକେ ବ୍ୟାରିକେଟ ଡେଇଁ ଯାତାୟାତ କରୁଥିବାର ଅଭିଯୋଗ ହୋଇଛି। କଣ୍ଟେନ୍‌ମେଣ୍ଟ ଜୋନ୍ ଭିତରେ ଦୋକାନ ଖୋଲା ରହିବା, କେତେକ ଅମାନିଆ ଗାଁ ରାସ୍ତାରେ ଚକ୍କର ମାରିବା ଓ କୁଅଁରପୁରରୁ ୬ଜଣ କରୋନା ପଜେଟିଭ୍ ବାହାରିଥିଲେ ମଧ୍ୟ ସେଠାରେ ବେରିକେଟ୍‌ନ ହେବା ସେ ଅଂଚଳର ବହୁ ବ୍ୟକ୍ତି ଅଭିଯୋଗ କରିଛନ୍ତି। ବେରିକେଟ ନିକଟରେ ପୁଲିସ୍ ରହୁନଥିବାରୁ ଏପରି ଘଟଣା ଘଟୁଥିବା କୁହାଯାଇଛି। ଅନ୍ୟପକ୍ଷରେ କରୋନା ପଜେଟିଭ୍ ଦେଖାଦେଇଥିବା ୱାର୍ଡ ନଂ ୨, ୩, ୪, ୫, ୬ ର ୩୨୦ ପରିବାରକୁ ସର୍ଭେ କରିବାଲାଗି ୮ଟି ଦଳ ଗଠିତ ହୋଇଛି। ପ୍ରତିଦଳରେ ଆଶା, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ଓ ଜଣେ ଶିକ୍ଷକ ପ୍ରତି ଘରକୁ ଘର ଯାଇ ସର୍ଭେ କାର୍ଯ୍ୟ କରୁଥିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାଯାଇଛି। ଏହି କାର୍ଯ୍ୟ କଣ୍ଟେନ୍‌ମେଣ୍ଟ ଘୋଷଣାର ୭ଦିନ ପର୍ଯ୍ୟନ୍ତ ଚାଲିବ ଓ ଆବଶ୍ୟକସ୍ଥଳେ ରୋଗୀଙ୍କୁ ଔଷଧ ମଧ୍ୟ ପ୍ରଦାନ କରାଯିବ। ଲକ୍ଷଣଯୁକ୍ତ ରୋଗୀଙ୍କୁ କୋଭିଡ୍ ହସ୍‌ପିଟାଲ ପଠାଯିବା ନିଶ୍ଚିତ ବୋଲି ସ୍ୱାସ୍ଥ୍ୟବିଭାଗ କହିଛି।

# ପାଂଚ ଶହ ବର୍ଷର ସଂକଳ୍ପ ଆଜି ପୂରା ହେଲା : ଯୋଗୀ ଆଦିତ୍ୟନାଥ

ଅଯୋଧ୍ୟା,୫।୮ (ନି.ପ୍ର): ପାଂଚ ଶହ ବର୍ଷର ସଂକଳ୍ପ ଆଜି ପୂରା ହେଲା ବୋଲି କହିଛନ୍ତି ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଅଯୋଧ୍ୟାରେ ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଏହା କହିଛନ୍ତି। ସେ କହିଛନ୍ତି ଯେ ବର୍ଷ ବର୍ଷର ସଂଘର୍ଷ ପରେ ଏହି ଦିନ ଆସିଛି। ଯେଉଁ ସ୍ୱପ୍ନ ଆମେ ସମସ୍ତେ ଦେଖିଥିଲେ ତାହା ଆଜି ପୂରଣ ହେଉଛି। ଏହି ସମୟ ଆମ ପାଇଁ ଉତ୍ସାହ ଓ ପ୍ରେରଣାର ସମୟ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo